
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୮ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 18 OCTOBER 2021
Vol.No. 32 ■ No. 264 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମହାକାଶରୁ ମିସାଇଲ ପରୀକ୍ଷା କଲା ଚୀନ୍



ନୂଆଦିଲ୍ଲୀ,୧୭/୧୦: ସାରା ବିଶ୍ୱ ଉପରେ ନିଜର ଦବଦବା ଜାହିର କରିବାକୁ ପ୍ରସ୍ତୁତ ଆରମ୍ଭ କରିଛି ଡ୍ରାଗନ। ଚୀନ୍ ଏବେ ମହାକାଶ ଆଡକୁ ପାଦ ବିସ୍ତାର କରିବାକୁ ଯୋଜନା ଆରମ୍ଭ କରିଛି। ଚୀନ୍ ମହାକାଶରୁ ଏକ ନୂଆ ହାଇପରସୋନିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରି ଆମେରିକାର ନିଦ ହଜାଇ ଦେଇଥିବା ଏକ ରିପୋର୍ଟରେ ଦାବି କରାଯାଇଛି। ସୂତ୍ରରୁ ପ୍ରକାଶ ଯେ ଚୀନର ଏହି କ୍ଷେପଣାସ୍ତ୍ରକୁ ଚଳିତ ବର୍ଷ ଅଗଷ୍ଟରେ ପରୀକ୍ଷଣ କରାଯାଇଥିଲା। ଫାଇନାନ୍ସିଆଲ୍ ଟାଇମ୍ସର ରିପୋର୍ଟ ଅନୁଯାୟୀ,ଏହି ପରମାଣୁ ସକ୍ଷମ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଇଥିଲା। ଏହି କ୍ଷେପଣାସ୍ତ୍ର ପୃଥିବୀର ନିମ୍ନରେ ପରିକ୍ରମା କରିଥିଲା। ତଥାପି, ନିଜ ଲକ୍ଷ୍ୟ ପଥରେ ପହଞ୍ଚିବା ପୂର୍ବରୁ ୩୨ କିଲୋମିଟରରେ ହାରିଯାଇଛି। ଚୀନ୍ ଏହି ମିସାଇଲର ପରୀକ୍ଷଣ ଗୁପ୍ତ ଭାବେ କରିଛି। ଏହାପୂର୍ବରୁ ଚୀନ୍ ଆଣବିକ ଅସ୍ତ୍ରକୁ ମହାକାଶକୁ ଆଣିବାରେ ସକ୍ଷମ ଏକ କ୍ଷେପଣାସ୍ତ୍ର ପଠାଇଥିଲା ଯାହା ନିମ୍ନ ପୃଥିବୀ କକ୍ଷପଥରେ ପରିକ୍ରମା କରିଥିଲା ଏବଂ ପରେ ହାଇପରସୋନିକ୍ ବେଗରେ ନିଜ ଲକ୍ଷ୍ୟ ଆଡକୁ ଗତି କରିଥିଲା। ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ ହାଇପରସୋନିକ୍ କ୍ଷେପଣାସ୍ତ୍ର ତିଆରି କରିବାରେ ଚୀନ୍‌ର ଅଗ୍ରଗତି ଆମେରିକାର ଗୁପ୍ତଚର ସଂସ୍ଥାକୁ ଆଶ୍ଚର୍ଯ୍ୟ କରିଛି। ତାଙ୍କ ନିଦ ହଜାଇ ଦେଇଛି ଡ୍ରାଗନ। ଚୀନ୍ ବ୍ୟତୀତ ଆମେରିକା, ଋଷ ଏବଂ ଅତି କମରେ ପାଞ୍ଚଟି ଦେଶ ବର୍ତ୍ତମାନ ହାଇପରସୋନିକ୍ ଟେକ୍ନୋଲୋଜିରେ କାମ କରୁଛନ୍ତି। ହାଇପରସୋନିକ୍ କ୍ଷେପଣାସ୍ତ୍ରଗୁଡିକ ପାରମ୍ପରିକ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ପରି ଆଣବିକ କ୍ଷେପଣାସ୍ତ୍ର ବହନ କରିପାରିବ। ହାଇପରସୋନିକ୍ କ୍ଷେପଣାସ୍ତ୍ରଗୁଡ଼ିକ ଶବ୍ଦର ଗତି ତୁଳନାରେ ପାଞ୍ଚ ଗୁଣ ଅଧିକ ହୋଇଥାଏ। ତେବେ, ଉଭୟଙ୍କ ମଧ୍ୟରେ ସବୁଠାରୁ ବଡ ପାର୍ଥକ୍ୟ ହେଉଛି ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ମହାକାଶରେ ଉଚ୍ଚରେ ଉଡିପାରେ। ହାଇପରସୋନିକ୍ କ୍ଷେପଣାସ୍ତ୍ର ବାୟୁମଣ୍ଡଳରେ ବହୁତ କମ୍ ସମୟ ଘୁରି ଲକ୍ଷ୍ୟ ସ୍ଥଳରେ ଖୁବ ଶୀଘ୍ର ପହଞ୍ଚିପାରେ।

## ଏବେ ସୋନିଆ ଓ ପରେ ରାହୁଲଙ୍କ ନେତୃତ୍ୱରେ ପରିଚାଳିତ ହେବ ଦଳ



ନୂଆଦିଲ୍ଲୀ,୧୭/୧୦: ଗାନ୍ଧୀ ପରିବାର ବିନା ଯେମିତି କଂଗ୍ରେସର କୌଣସି ସ୍ଥିତି ନାହିଁ । ଗାନ୍ଧୀ ପରିବାରକୁ ଛାଡି କଂଗ୍ରେସର ଚିନ୍ତା କରାଯାଇପାରିବନି । ଗତକାଲିର ବୈଠକରୁ ଏଭଳି ଏକ ସଂକେତ ମିଳିବା ସହ ପୁଣି ଥରେ ସେହି ଗାନ୍ଧୀ ପରିବାର ହିଁ କଂଗ୍ରେସର କମାଣ ସମ୍ଭାଳିବେ ବୋଲି ସ୍ପଷ୍ଟ ହୋଇଯାଇଛି । ହେଲେ ଗାନ୍ଧୀ ପରିବାରର ନେତୃତ୍ୱକୁ ନେଇ ଦଳ ଭିତରେ ଯେଉଁ ଅସନ୍ତୋଷ ରହିଛି ଓ ବିଭିନ୍ନ ରାଜ୍ୟରେ କନ୍ଦଳ ଲାଗି ରହିଛି ତାର ସମାଧାନ କରିବା ଆଗାମୀ ଦିନରେ ବଡ ଚାଲେଞ୍ଜ ହେବ । ଗାନ୍ଧୀ ପରିବାର ହାତରେ ରହିବ କଂଗ୍ରେସ କମାଣ । ଆଉ ବର୍ଷେ ପାଇଁ ସୋନିଆ ସଭାପତି ରହିବା ଓ ପୁଣି ସଭାପତି ପଦ ପାଇଁ ରାହୁଲ ବିଚାର କରିବେ ବୋଲି ରାହୁଲ ଗାନ୍ଧି ସମ୍ମତି ଦେବା ପରେ ସ୍ପଷ୍ଟ ହୋଇଛି ପୁଣି ଥରେ ଗାନ୍ଧି ପରିବାର ଭରସାରେ କଂଗ୍ରେସ । ୨୦୧୯ ନିର୍ବାଚନ ପରାଜୟ ପରେ ରାହୁଲ ପଦ ଛାଡିବା ଏବଂ ଗାନ୍ଧୀ ପରିବାର ବାହାରେ କେହି ନେତା କଂଗ୍ରେସର ଦାୟିତ୍ୱ ନେବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା, ସେଥିରେ ଏବେ ପୂର୍ଣ୍ଣଚ୍ଛେଦ ପଡ଼ିଛି । କଂଗ୍ରେସ କାର୍ଯ୍ୟକାରିଣୀରୁ ଯେଉଁ ସଙ୍କେତ ମିଳିଛି, ସେଥିରୁ ସ୍ପଷ୍ଟ ହେଉଛି ଏହି ସର୍ବପୁରାତନ ଦଳର ଦାୟିତ୍ୱ ଗାନ୍ଧୀ ପରିବାର ବାହାରକୁ ଯିବ ନାହିଁ । ▶▶ପୃଷ୍ଠା ୭


## ସଂଯୁକ୍ତ କିଷାନ ମୋର୍ଚ୍ଚାର ୬ ଘଂଟିଆ ରେଲରୋକ ଆସନ୍ତାକାଲି

ଭୁବନେଶ୍ୱର,୧୭/୧୦ (ନି.ପ୍ର): ଉତର ପ୍ରଦେଶ ଲକ୍ଷ୍ମୀପୁର ଖେରୀ କୃଷକ ଗଣହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଆସନ୍ତାକାଲି (ସୋମବାର) ୬ ଘଂଟିଆ ଦେଶବ୍ୟାପୀ ରେଲରୋକ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଦିନ ୧୦ଟା ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଓଡିଶାର ସମସ୍ତ ରେଳ ଷ୍ଟେସନରେ ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ରେଲରୋକ ଆନ୍ଦୋଳନ ସଂଗଠିତ କରିବା ପାଇଁ ନିବେଦନ କରାଯାଇଛି। ଏହି ଆନ୍ଦୋଳନକୁ ରାଜ୍ୟ କଂଗ୍ରେସ ସମର୍ଥନ ଜଣାଇଛି। ଉତର ପ୍ରଦେଶ ଲକ୍ଷ୍ମୀପୁର ଖେରୀ କୃଷକ ଗଣହତ୍ୟା ଘଟଣାରେ ତଦନ୍ତର ନିରପେକ୍ଷତା ପାଇଁ ସ୍ୱରାଷ୍ଟ୍ର ବିଭାଗର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କୁ ବରଖାସ୍ତ କରିବା, ଏହି ଘଟଣାରେ ଅପରାଧୀମାନଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ, କୃଷକ ବିରୋଧୀ ତିନି କୃଷି ଆଇନ ରଦ୍ଦ କରିବା ଏବଂ ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି )ପ୍ରଦାନ ପାଇଁ ଆଇନଗତ ବ୍ୟବସ୍ଥା କରିବା ଇତ୍ୟାଦି ଦାବିରେ ଏହି ଆନ୍ଦୋଳନ ଡାକରା ଦିଆଯାଇଛି ।

## ଅଗରବତୀ କାରଖାନାରେ ଅଗ୍ନିକାଣ୍ଡ

କଟକ,୧୭/୧୦ (ନି.ପ୍ର): ଜଗତପୁର ଶିଳ୍ପାଂଚଳର ଏକ ଅଗରବତୀ କାରଖାନାରେ ଆଜି ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ବହୁ ପରିମାଣର ଧୂପକାଠି ଓ କଞ୍ଚା ମାଲ୍ ନଷ୍ଟ ହୋଇଯାଇଥିବା ଅନୁମାନ କରାଯାଉଛି। ଘଟଣାସ୍ଥଳରେ ଦମକଳ ବାହିନୀର ୨ଟି ଗାଡ଼ି ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ଅଛି। କାରଖାନା ଭିତରେ କିଛି କେମିକାଲ ସଂପର୍କରେ ନିଆଁ ଆସିବା ଯୋଗୁଁ ଏହାକୁ ଆୟତ କରିବା କଷ୍ଟ ହେଉଛି। ସବୁଠାରୁ ଖୁସିର କଥା ହେଲା ଯେ, ଅଗ୍ନିକାଣ୍ଡ ଯୋଗୁଁ କୌଣସି ଶ୍ରମିକ ଅଥବା କର୍ମଚାରୀ ଆହତ ହୋଇ ନାହାନ୍ତି। କାରଖାନାରେ ନିଆଁ ଲାଗିବା ମାତ୍ରେ ସମସ୍ତେ ସୁରକ୍ଷିତ ଭାବେ ▶▶ପୃଷ୍ଠା ୭

## ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ



ଭୁବନେଶ୍ୱର,୧୭/୧୦ (ନି.ପ୍ର): ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଛି । ପ୍ରଦୀପଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନ ସହିତ ତାଙ୍କ ସମ୍ପର୍କୀୟ ଓ ସହଯୋଗୀଙ୍କ ଘରେ ମଧ ରେଡ୍ କରାଯାଇଛି। ରବିବାର ସକାଳ ୬ଟାରୁ ଏକକାଳୀନ ୧୫ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଏହି ଚଢ଼ାଉ କରାଯାଇଛି। ପ୍ରଦୀପଙ୍କ ଘନିଷ୍ଠ ସହଯୋଗୀ ସର୍ବେଶ୍ୱର ରାଓଙ୍କ ଘରେ ମଧ ଭିଜିଲାନ୍ସ ରେଡ୍ କରାଯାଇଥିବା ସୂଚନା ମିଳିଛି। ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ ଚଢାଉ ବେଳେ ଜମି, ଗାଡି, ଗହଣା ଓ ଅନ୍ୟାନ୍ୟ ସାମଗ୍ରୀ କିଣା ହେବାର ଡକ୍ୟୁମେଂଟ ମିଳିଛି। ବ୍ୟାଙ୍କ୍ ପାସ୍ ବୁକ୍ , ଲାପଟପ୍ , ମୋବାଇଲ୍ ଆଦି ଜବତ ହୋଇଛି । ବିଧାୟକଙ୍କ ସହଯୋଗୀଙ୍କ ଘରୁ ପ୍ରାୟ ୨୦ ଲକ୍ଷ ଜବତ ହୋଇଛି। ଏତେ ଟଙ୍କା କେଉଁଠି ଆସିଲା ଯାଂଚ ଚାଲିଛି। ଭିଜିଲାନ୍ସ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ୍ ରିଲିଜ୍‌ରେ କୁହାଯାଇଛି ଯେ ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନାଁରେ ଆୟ ବହିର୍ଭୂତ ସଂପଲି ଠୁଳ ଅଭିଯୋଗ ଆସିବା ପରେ ଏକ ଗୁପ୍ତ ଯାଂଚ କରାଯାଇଥିଲା। ଯାଂଚ ବେଳେ ବିଧାୟକ ଶ୍ରୀ ପାଣିଗ୍ରାହୀ ଆୟ ବହିର୍ଭୂତ ସଂପତି ଠୁଳ କରିଥିବା ନେଇ ତଥ୍ୟ ମିଳିବା ପରେ ଓଡ଼ିଶା ଲୋକାୟୁକ୍ତଙ୍କ ନିକଟରେ ୯.୧୨,୨୦୨୦ରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା। ଏହା ପରେ ▶▶ପୃଷ୍ଠା ୭

## ମନୀଷ ଅନୁରାଗ ହତ୍ୟା ମାମଲା : ୪ ଦିନିଆ ରିମାଣ୍ଡରେ ଯିବେ ୩ ଅଭିଯୁକ୍ତ



ଭୁବନେଶ୍ୱର,୧୭/୧୦ (ନି.ପ୍ର): ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ଅନୁରାଗ ହତ୍ୟା ମାମଲାରେ ୩ ଅଭିଯୁକ୍ତଙ୍କୁ ୪ ଦିନିଆ ରିମାଣ୍ଡରେ ନେବ ଇନ୍‌ଫୋସିଟି ପୋଲିସ। ଆସନ୍ତାକାଲି ଠାରୁ ୩ ଅଭିଯୁକ୍ତ ଅମୃତ ବିଶ୍ୱାଳ, ଦୀନେଶ ମହାପାତ୍ର ଓ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ରିମାଣ୍ଡରେ ନେବା ଲାଗି ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟ ଅନୁମତି ଦେଇଛନ୍ତି। ଏମାନଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ କମିଶନରେଟ୍ ପୋଲିସ୍ ଆବେଦନ କରିଥିଲା। ଗତକାଲି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ ଯେ ଘଟଣା ଦିନ ରାତିରେ ମନୀଷ ଅମ୍ରିତ, ଦିନେଶ ଓ ମୃତ୍ୟୁଞ୍ଜୟଙ୍କ ସହ ପାତ୍ରପଡାରେ ଥିବା ହୋଟେଲକୁ ଯାଇଥିଲେ। ହୋଟେଲରେ ବିଲ୍ ପେମେଂଟକୁ ନେଇ ପାଟିତୁଣ୍ଡ ହୋଇଥିଲା। ହୋଟେଲ ବାହାରେ ମନୀଷକୁ ତାଙ୍କ ବନ୍ଧୁମାନେ ଆକ୍ରମଣ କରିଥିଲେ। ଗଣ୍ଡଗୋଳ ଏବଂ ଠେଲାପେଲା ଯୋଗୁଁ ମନୀଷଙ୍କ ମୃତ୍ୟୁ ଘଟିଥିଲା। ତାପରେ ସେମାନେ ପ୍ରମାଣ ନଷ୍ଟ ଲାଗି ମନୀଷଙ୍କ ମୃତଦେହକୁ ନିକଟସ୍ଥ ପୋଖରୀରେ ଫିଙ୍ଗିଦେଇ ଚାଲିଯାଇଥିଲେ। ଗତ ୧୦ ତାରିଖରେ ଭୁବନେଶ୍ୱରର ପାତ୍ରପଡ଼ା ଗାଁ ପୋଖରୀରେ ଭାସୁଥିବା ଅବସ୍ଥାରେ ମନୀଷଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର ହୋଇଥିଲା।

## ୩ ଦିନ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୭/୧୦ (ନି.ପ୍ର): ଲଘୁଚାପ ପ୍ରଭାବରେ ଓଡିଶାର ଅଧିକାଂଶ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି ରହିଛି। ଗତକାଲି ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ଉତର ତେଲେଙ୍ଗାନା ଓ ତାର ପାଶ୍ୱବର୍ତୀ ଅଂଚଳରେ ସକ୍ରିୟ ରହିଛି। ଏହାର ପ୍ରଭାବରେ ଉପକୂଳ ଓଡିଶା ଓ ଅଭ୍ୟନ୍ତରୀଣ ଜିଲ୍ଲା ଗୁଡିକରେ ବର୍ଷା ଲାଗି ରହିଛି। ଆଗାମୀ ୩ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୭ ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲା ଗୁଡିକ ହେଲା ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର, ଭଦ୍ରକ , କେନ୍ଦ୍ରାପଡା ଓ ଜଗତସିଂହପୁର। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ଅନୁଗୁଳ , ମୟୁରଭଂଜ ଓ ଢେଙ୍କାନାଳ ଜିଲ୍ଲାରେ ବଜ୍ରପାତ ସମ୍ଭାବନା ରହିଛି। ଏହିସବୁ ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଂଚଳିକ ପାଣିପାଗ କେନ୍ଦ୍ର। ସେହିପରି ୧୮ ତାରିଖରୁ ୧୯ ତାରିଖ ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର , ମୟୁରଭଂଜ ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର , ଦେବଗଡ , ଅନୁଗୁଳ , ଢେଙ୍କାନାଳ,କେନ୍ଦୁଝର, ମୟୁରଭଂଜ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ବଜ୍ରପାତ ସମ୍ଭାବନା ରହିଛି।

## ବୌଦ୍ଧସ୍ଥଳୀର ବିକାଶ ପାଇଁ ଓଡ଼ିଶାକୁ 'ବୁଦ୍ଧିଷ୍ଟ୍ ସର୍କିଟ'ରେ ସାମିଲ ପାଇଁ ଦାବି କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର,୧୭/୧୦ (ନି.ପ୍ର): ସ୍ୱଦେଶ ଦର୍ଶନ ଯୋଜନାରେ ଘୋଷଣା ହୋଇଥିବା 'ବୁଦ୍ଧିଷ୍ଟ ସର୍କିଟ'ରେ ଓଡ଼ିଶା ରାଜ୍ୟକୁ ସାମିଲ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସ୍ୱଦେଶ ଦର୍ଶନ ଯୋଜନାରେ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ୫ଟି ରାଜ୍ୟରେ 'ବୁଦ୍ଧିଷ୍ଟ ସର୍କିଟ'ର ବିକାଶ ପାଇଁ ୩୨୫.୫୩ କୋଟି ଟଙ୍କାର ୫ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି। ଏହି ୫ଟି ରାଜ୍ୟ ଗୁଡ଼ିକ ହେଲା ମଧ୍ୟପ୍ରଦେଶ, ଉତରପ୍ରଦେଶ, ବିହାର, ଗୁଜରାଟ ଏବଂ ଆନ୍ଧ୍ରପ୍ରଦେଶ। ତେବେ ଓଡ଼ିଶାରେ ସମୃଦ୍ଧ ବୌଦ୍ଧ ପରମ୍ପରା ଓ ପୁଣ୍ୟ ବୌଦ୍ଧ ପୀଠ ଥିବା ସତ୍ତ୍ୱେ ଏହାକୁ ବୁଦ୍ଧ ସର୍କିଟରେ ସାମିଲ କରାନଯିବା ଏବଂ ଏହି ଯୋଜନା ଅନ୍ତର୍ଗତ ପବିତ୍ର ବୌଦ୍ଧ ପୀଠ ପାଇଁ କୌଣସି ପ୍ରକଳ୍ପ ନିମନ୍ତେ ଅନୁଦାନ ନମିଳିବା ଚିନ୍ତାଜନକ। ଓଡ଼ିଶାରେ ବୌଦ୍ଧ ଧର୍ମର ଇତିହାସ ସମ୍ପର୍କରେ ଶ୍ରୀ ପ୍ରଧାନ ପତ୍ର ମାଧ୍ୟମରେ ଅବଗତ କରାଇବା ସହ କହିଛନ୍ତି ଯେ ଧର୍ମ ବିଚାରଧାରା ଆସିବା ସମୟରୁ ଓଡ଼ିଶାରେ ବୌଦ୍ଧ ଧର୍ମ ରହିଆସିଛି। ଅଷ୍ଟମରୁ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ଭୌମକର ବଂଶର ଶାସନ କାଳରେ ରାଜ୍ୟରେ ବୌଦ୍ଧ ଧର୍ମର ବିବେଚନା କରାଯାଇଥିଲା। ଓଡ଼ିଶାର ଦୁଇ ବ୍ୟବସାୟୀ ତପସୁ ଏବଂ ଭଲ୍ଲିକଙ୍କ ସହିତ ବୁଦ୍ଧ ଭଗବାନଙ୍କ ସହ ସମ୍ବନ୍ଧ ଥିଲା। ବିଭିନ୍ନ କିମ୍ବଦନ୍ତୀରୁ ଜଣାପଡ଼ିଛି ଯେ ରାଜ୍ୟରେ କଳିଙ୍ଗ ଯୁଦ୍ଧ ପୂର୍ବରୁ ଯୋଦ୍ଧା ଅଶୋକାଙ୍କ ନେତୃତ୍ୱରେ ▶▶ପୃଷ୍ଠା ୭

## ସାଗରିକା ଶାରଦୀୟ ବିଶେଷାଙ୍କର ଶୁଭ ଲୋକାର୍ପଣ



ବାଲେଶ୍ୱର,୧୭/୧୦ (ନି.ପ୍ର): ଅଗ୍ରଣୀ ମାସିକ ସାହିତ୍ୟ ପତ୍ରିକା ସାଗରିକାର ଶାରଦୀୟ ବିଶେଷାଙ୍କର ଶୁଭ ଲୋକାର୍ପଣ ନୃତ୍ୟ ସଂଗୀତ କଳାମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ସାରା ରାଜ୍ୟରେ ଏହି ପତ୍ରିକାର ସ୍ୱତନ୍ତ୍ରସ୍ଥାନ ରହିଛି। ଏହାର ସଂପାଦନା ଶୈଳୀ ଅତ୍ୟନ୍ତ ନିଆରା। ନୂତନ ପିଢିର ଲେଖକ ଲେଖିକାମାନଙ୍କୁ ଏହି ପତ୍ରିକା ସବୁଠାରୁ ଅଧିକା ସୁଯୋଗ ଦେଇଥାଏ ।ସେମାନଙ୍କ ଲେଖାଟିକୁ ପ୍ରକାଶିତ କରି ସେମାନଙ୍କୁ ପ୍ରେରିତ କରିଥାଏ। ଏହି ପତ୍ରିକାରେ ପ୍ରକାଶିତ ଉତ୍ତମ ଲେଖାକୁ ପଢିବା ପାଇଁ ପାଠକମାନଙ୍କର ଆବଶ୍ୟକତା ଅଛି ବୋଲି ଉତ୍ସବରେ ମତ ପ୍ରକାଶ ପାଇଥିଲା । ସମସ୍ତେ ନକରାତ୍ମକ ମତକୁ ଅନ୍ୟଥା କରି ସକରାତ୍ମକ ମତ ପ୍ରତି ଆଗ୍ରହୀ ହେଲେ ସମାଜର ଅନେକ କିଛି ପରିବର୍ତ୍ତନ ହୋଇପାରନ୍ତା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ସମାଜସେବୀ ତଥା 'ରେବତୀ' ସଂପାଦିକା ସୁବାସିନୀ ଜେନା, ଅଧ୍ୟାପକ ତପନ କୁମାର ବେହେରା, ସମାଜର ସଂପାଦନା ମୁଖ୍ୟ ଶଶିରଞ୍ଜନ ମଲ୍ଲିକ, ଆଇନଜୀବି ବେଣୁଧର ରାଉଳ, କବି ପ୍ରଶାନ୍ତ ଦାସ, ଗାଳ୍ପିକା ଅଞ୍ଜଳି ପଣ୍ଡା ପ୍ରମୁଖ ଏହି ଉତ୍ସବରେ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଦୈନିକ ଖବର କାଗଜ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ପରିଚାଳନା ସଂପାଦକ ସୃଷ୍ଟିଧର ପରିଡା ସଂଚାଳନ କରିଥିଲେ। ଏହି ଉତ୍ସବରେ ବହୁ ସଂଖ୍ୟାରେ କବି, ଲେଖକ ଓ ବୁଦ୍ଧିଜୀବି ଉପସ୍ଥିତ ଥିଲେ । ଶେଷରେ ରଂଗରାଗର ସଂପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ତେଲ ଦର ବୃଦ୍ଧିରେ ଲାଗୁନି ବ୍ରେକ୍ : ପୁଣି ବଢ଼ିଲା ପେଟ୍ରୋଲ ଓ ଡିଜେଲ




ଭୁବନେଶ୍ୱର,୧୭/୧୦(ନି.ପ୍ର): ତୈଳ ଦର ବୃଦ୍ଧିରେ ଲାଗୁନି ଲଗାମ । ଆଜି ପୁଣି ବଢିଲା ପେଟ୍ରୋଲ ଓ ଡିଜେଲ ଦର । ପେଟ୍ରୋଲ ଓ ଡିଜେଲ ୩୫ ପଇସା ବୃଦ୍ଧି ପାଇଛି । ଦର ବଢିବା ପରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପ୍ରତି ଦର ୧୦୫ ଟଙ୍କା ୮୪ ପଇସା ହୋଇଛି । ଡିଜେଲ ଲିଟର ୯୪ ଟଙ୍କା ୫୭ ପଇସାକୁ ବୃଦ୍ଧି ପାଇଛି । ସେହିପରି ମୁମ୍ବାଇରେ ପେଟ୍ରୋଲ ଦର ୧୧୧ ଟଙ୍କା ୭୭ ପଇସା ଓ ଡିଜେଲ ଦର ୧୦୨ ଟଙ୍କା ୫୨ ପଇସାରେ ପହଂଚିଛି । ଭୁବନେଶ୍ୱରରେ ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୬ ଟଙ୍କା ୭୭ ଟଙ୍କା ହୋଇଛି । ଡିଜେଲ ୧୦୩ ଟଙ୍କା ୧୫ ପଇସାକୁ ବୃଦ୍ଧି ପାଇଛି । ଅକ୍ଟୋବର ମାସରେ ୩ ଦିନକୁ ଛାଡି ପ୍ରତ୍ୟେକ ଦିନ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇବାରେ ଲାଗିଛି । ଚଳିତ ମାସ ବର୍ତ୍ତମାନ ସୁଦ୍ଧା ୪ଟଙ୍କା ୧୫ ପଇସା ବୃଦ୍ଧି ହୋଇସାରିଲାଣି । ସେହିପରି ଡିଜେଲ ୪ ଟଙ୍କା ୭୦ ପଇସା ବୃଦ୍ଧି ହୋଇଛି । କେନ୍ଦ୍ର ପେଟ୍ରୋଲିୟମ୍ ▶▶ପୃଷ୍ଠା ୭

# ସାହିତ୍ୟ ପତ୍ରିକା 'ଘାସଫୁଲ'ର ପାର୍ବଣ ବିଶେଷାଙ୍କ ଲୋକାର୍ପିତ



ଭଦ୍ରକ,୧୭/୧୦ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟର ଅଗ୍ରଣୀ ପତ୍ରିକା ଦୀର୍ଘ ୧୨ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଭଦ୍ରକରୁ ପ୍ରକାଶ ପାଇଆସୁଥିବା ସାହିତ୍ୟ ପତ୍ରିକା 'ଘାସଫୁଲ'ର ଲୋକାର୍ପଣ ଉତ୍ସବ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଲୋକାର୍ପିତ ହୋଇଛି । ଏହି ସାରସ୍ୱତ ଉତ୍ସବରେ ପଣ୍ଡିତ ଦୈତ୍ୟାରି ମହାପାତ୍ର ସଭାପତିତ୍ୱ କରିଥିବାବେଳେ ବିଶିଷ୍ଟ ସ୍ତମ୍ଭକାର ତଥା ସାହିତ୍ୟିକ ଅଭୟ ଦ୍ୱିବେଦୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ଓଡ଼ିଆ ଲିପିର ଆବଶ୍ୟକତା ସଂପର୍କରେ ନିଜ ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ବିଶିଷ୍ଟ ସାହିତ୍ୟିକମାନଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । 'ଘାସଫୁଲ' ର ପ୍ରାଣ ପ୍ରତିଷ୍ଠାତା ତଥା ସଂପାଦକ ତଥା ବିରୋଧୀ ଦଳ ଉପନେତା ବିଧାୟକ ବିଷ୍ଣୁ ସେଠୀ ଘାସଫୁଲର ଇତିହାସ ଇତିବୃତ୍ତ ସଂପର୍କରେ ସୂଚାଇଥିଲେ । ସମାଜସେବୀ ବ୍ୟୋମକେଶ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ଅଧିବକ୍ତା ଗଦାଧର ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ନୃତ୍ୟ ଚନ୍ଦ୍ରିକା ଫାଉଣ୍ଡେସନର ସଂପାଦକ ପ୍ରଭାତ କୁମାର ମହାଲିକଙ୍କ ସଂଯୋଜନାରେ କୁନି କୁନି କଳାକାରମାନେ ନୃତ୍ୟ ପରିବେଷଣ କରି ମନ୍ତ୍ରମୁଗ୍ଧ କରିଥିଲେ । ସାଧନା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସଭାକୁ ପରିଶେଷରେ ଗାଳ୍ପିକ ବିଭୂତି ଭୂଷଣ ସେନାପତି ଧନ୍ୟବାଦ ଅର୍ପଣ କରିବା ସହିତ ସଂଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ସୁଧାକର ନନ୍ଦ ଓ ନିର୍ମଳ ଚନ୍ଦ୍ର ରାଉତଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । ଏହି ସଭାରେ ବରେଣ୍ୟ ଅତିଥିମାନଙ୍କ ଦ୍ୱାରା ଗାଳ୍ପିକା ଗୀତାରାଣୀ ଆଇଚଙ୍କ ରଚିତ ପୁସ୍ତକ 'ନୀଳଜ୍ୟୋସ୍ନା' ଓ କବୟିତ୍ରୀ ଚିନ୍ମୟୀ ଚାନ୍ଦଙ୍କ 'ବିରହିଣୀ ନାୟିକା' ପୁସ୍ତକ ଲୋକାର୍ପିତ ହୋଇଥିଲା । ନିରବିଚ୍ଛିନ୍ନ ଭାବେ ପ୍ରକାଶ ପାଇଆସୁଥିବା ଗବେଷଣାଧର୍ମୀ ସାହିତ୍ୟ ପତ୍ରିକା 'ଘାସଫୁଲ'କୁ ବୁଦ୍ଧିଜୀବୀ ମହଲରେ ଭୂୟସୀ ପ୍ରଶଂସା କରାଯାଇଥିବାବେଳେ ନୃତ୍ୟ ଚନ୍ଦ୍ରିକା ଫାଉଣ୍ଡେସନର କଳାକାରମାନଙ୍କୁ ବିଧାୟକ ବିଷ୍ଣୁ ସେଠୀ ଓ ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ବିଶିଷ୍ଟ ସଂଗୀତଗୁରୁ ରୁଦ୍ରମାଧବ ବାରିକଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା ।

# ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଯୋଜନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ

କନ୍ଧମାଳ,୧୭/୧୦ (ନି.ପ୍ର): ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସମେତ କନ୍ଧମାଳ ଜିଲ୍ଲାରେ ଦୁଇଟି ବୃହତ ପାନୀୟ ଜଳ ଯୋଗାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬୫୭ କୋଟି ୫୭ ଲକ୍ଷ ୪ ହଜାର ଟଙ୍କା ମଞ୍ଜୁର କରିଛନ୍ତି । ଜିଲ୍ଲାରେ ଦିର୍ଘ ଦିନଧରି ଲାଗି ରହିଥିବା ଏହି ସମସ୍ୟାକୁ ଦୁର କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ଏହି ଯୋଜନାରେ ଜିଲ୍ଲାର ପ୍ରୟ ଅଢେଇ ଲକ୍ଷ ଲୋକ ସିଧାସଳଖ ବାବରେ ଲାଭାନ୍ୱିତ ହେବେ ତେଣୁ କନ୍ଧମାଳ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ତାଙ୍କୁ କୃଜ୍ଞତା ଜଣାଇବାକୁ ଫୁଲବାଣୀ ପାରିଜାତ କଲ୍ୟାଣ ମଣ୍ଡପଠାରେ କନ୍ଧମାଳ ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମୀଳନି କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର,ବାଲିଗୁଡା ବିଧାୟକ ଚକ୍ରମଣି କହଁର ଏବଂ ଘୁ.ଉଦଗିରି ବିଧାୟକ ସାଲୁଗା ପ୍ରଧାନଙ୍କ ସମେତ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ ଏବଂ ଜିଲ୍ଲାର ଅନ୍ୟ ନିର୍ବାଚିତ ପ୍ରତିନିଧି ମାନେ ଯୋଗ ଦେଇଥିଲେ । ସେହିପରି ଆଜି ଫୁଲବାଣୀ ସମ୍ବାଦିକ ଭବନଠାରେ ଫୁଲବାଣୀ ବ୍ଲକ ବିଜୁ ଜନତା ଦଳ ସଭାପତି ବାଳକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ଏହି ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମମ୍ମୀଳନିରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଏଥିରେ ଫୁଲବାଣୀ ବ୍ଲକ ଅଧ୍ୟକ୍ଷା ମଞ୍ଜୁଦେବୀ କହଁର, ଅପାଧ୍ୟକ୍ଷ ମାନସରଞ୍ଜନ ବିଶ୍ୱାଳ,ଫୁଲବାଣୀ ବ୍ଲକ ଯୁବ ବିଜୁ ଜନତା ସଭାପତି ବଳଦେବ କହଁର, ବିଧାୟକ ପ୍ରତିନିଧି ନିଳାମ୍ବର କହଁର,ପୁର୍ଭତନ ବ୍ଲକ ଅଧ୍ୟକ୍ଷ ଚକ୍ରଧର କହଁର ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପୁର୍ବତନ ବ୍ଲକ ଅଧ୍ୟକ୍ଷ ଭଜମନ କହଁର ପରିଚାଳନା କରିଥିଲେ ଏଥିରେ ସରପଂଚ,ସମିତି ସଭ୍ୟ,ୱାର୍ଡମେମ୍ବର ମାନେ ଯୋଗ ଦେଇଥିଲେ । ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କନ୍ଧମାଳ ଜିଲ୍ଲାର ୬ଟି ବ୍ଲକର ୪୯ଟି ଗ୍ରାମର ୬୩୭ଟି ଗ୍ରାମରେ ରହୁଥିବା ପ୍ରାୟ ଚାରି ଲକ୍ଷ ଲୋକଙ୍କୁ ଏହି ସୁବିଧାର ସିଧାସଳଖ ଲାବ ମିଳିବା ଖୁସିରେ ଧନ୍ୟବାଦ ପ୍ରଦାନ କରାଯାଇଥିଲା । ସେଥିରୁ ଫୁଲବାଣୀ ବ୍ଲକ ଅଧିନରେ ଥିବା ୧୧ଟି ଗ୍ରାମ ପଂଚାୟତର ୧୮୨ଟି ଗ୍ରାମର ପ୍ରାୟ ୫୦ ହଜାର ଲୋକ, ଫିରିଙ୍ଗିଆ ବ୍ଲକର ୧୨ଟି ଗ୍ରାମ ପଂଚାୟତର ୧୧୦ଟି ଗ୍ରାମର ପ୍ରାୟ ୩୦ ହଜାର ଲୋକ, ଖଜୁରିପଡା ବ୍ଲକର ୧୩ଟି ଗ୍ରାମ ପଂଚାୟତର ୧୭୫ଟି ଗ୍ରାମର ପ୍ରାୟ ୫୦ ହଜାର ଲୋକ,ଚକାପାଦ ବ୍ଲକର ୫ଟି ଗ୍ରାମ ପଂଚାୟତର ୬୫ଟି ଗ୍ରାମର ପ୍ରାୟ ୨୦ ହଜାର ଲୋକ, ଘୁ.ଉଦୟଗିରି ବ୍ଲକର ୨ଟି ଗ୍ରାମ ପଂଚାୟତର ୧୮ଟି ଗ୍ରାମର ୫ ହଜାର ଲୋକ ଏବଂ କ.ନୁଆଗାଁ ବ୍ଲକର ୬ଟି ଗ୍ରାମ ପଂଚାୟତର ୮୭ଟି ଗ୍ରାମର ୫୦ ହଜାର ଲୋକ ଉପକୃତ ହେବେ ବୋଲି ସାମ୍ବାଦିକ ମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା ।

# ଷ୍ଟାର ନେଟ୍‌ୱାର୍କ ଚୋରି ଅଭିଯୋଗରେ ଜେସିଲ ନେଟ୍‌ୱାର୍କ ସିଲ

ଜଳେଶ୍ୱର ୧୬/୧୦(ନିପ୍ର): ଜଳେଶ୍ୱରର ବାସନ୍ତୀ ପଡିଆଠାରେ ଥିବା ଜଳେଶ୍ୱର କେବୁଲ ଲିଙ୍କ (ଜେସିଏଲ) ର କାର୍ଯ୍ୟାଳୟ ରହିଛି । କିନ୍ତୁ ଏଠାରୁ କେତେକ ସମୟରେ ଷ୍ଟାର ନେଟ୍‌ୱାର୍କ ର କାର୍ଯ୍ୟକୁ ସିଧା ସଂପ୍ରସାରଣ କରାଯାଉଥିବାର କେତେକ ଅଭିଯୋଗ ହୋଇ ଆସୁଥିଲା । ଗତ ଶୁକ୍ରବାର ଆଇପିଏଲ କ୍ରିକେଟ୍‌ର ଫାଇନାଲ ଖେଳ ସିଧା ପ୍ରସାରଣ ହେଉଥିବାର ଅଭିଯୋଗ କ୍ରମେ ଜଳେଶ୍ୱର ଅତିରିକ୍ତ ତହସିଲଦାର ହେମନ୍ତ କୁମାର ନାୟକ, ଏସ୍‌ଡିପିଓ ଓ ଆଇଆଇସି ପ୍ରଜ୍ଞା ମହାନ୍ତି ଚଢାଉ କରିଛନ୍ତି । ଏହି ଚଢାଉ ପରେ ଜେସିଏ୍ କେବୁଲ ନେଟ୍‌ୱାର୍କ ବନ୍ଦ କରାଯାଇ କାର୍ଯ୍ୟାଳୟ ସିଲ ହୋଇଛି । ଫଳରେ ଉପଭୋକ୍ତମାନେ ସେବା ପାଇବାରୁ ବଂଚିତ ହୋଇଛନ୍ତି । ଅତିଶୀଘ୍ର ସମସ୍ୟାର ସମାଧାନ ଲାଗି ଉପଭୋକ୍ତମାନେ ଦାବି କରିଛନ୍ତି ।

# ମାଧବଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ରଙ୍କ ବଂଧୁମିଳନ




ଜଳେଶ୍ୱର ,୧୭/୧୦ (ନି.ପ୍ର): ଗୋପୀମୋହନପୁର ପଂଚାୟତର ଛମୌଜସ୍ଥିତ ମାଧବଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୯୭୯-୮୨ ବ୍ୟାଚ୍ ମ୍ୟାଟ୍ରିକ୍ ଛାତ୍ରଙ୍କ ବଂଧୁମିଳନ ଉତ୍ସବ ବିଜୟା ଦଶମୀରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଆୟୋଜିତ ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ଶରତଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରି ବଂଧୁମିଳନର ଆବଶ୍ୟକତା ସଂପର୍କରେ କହିଥିଲେ । ଡ. ଅଜିତ୍ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇ ୪୦ବର୍ଷ ପୂର୍ବ ସ୍ମୃତି ମନ୍ଥନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆବାହକ ଗୋବିନ୍ଦ ପ୍ରମାଣିକ, ଆରତୀ ପତି, ଅମୂଲ୍ୟ ନନ୍ଦ, ମିନାକ୍ଷୀ ପ୍ରଧାନ, ଗଣେଷ ଭୂୟାଁ, ଆଶାଲତା ଜେନା, ମିନତୀ ଜେନା, ବିଣାପାଣି କାମିଲା, ଚୈତନ୍ୟପ୍ରସାଦ ଜେନା, ଅରୁଣ ଧଳ, ସତ୍ୟନାରାୟଣ ଜେନା, ଆଶାଲତା ଦାସ, ଅର୍ଚ୍ଚନା ତ୍ରିପାଠୀ, ସୁଶୀଲ ଧର, ପ୍ରଶନ୍ନ ଜେନା, ଅନୟ ରାୟ, ହରିଶ୍ଚନ୍ଦ୍ର ନାୟକ, କୃପାସିନ୍ଧୁ ଦାସ, ପ୍ରଦୀପ ଧଳ, ରାଜକିଶୋର ଜେନା ପ୍ରମୁଖ ବହୁ ପୁରାତନ ଛାତ୍ରଛାତ୍ରୀ ଅନୁଭୂତି ବଖାଣିଥିଲେ । ଦିବଂଗତ ଶିକ୍ଷକମାନଙ୍କ ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ ସହିତ ପ୍ରତ୍ୟେକେ ଅତୀତର ସ୍ମୃତି ବର୍ଣ୍ଣନା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ କ୍ଷଗେନ୍ଦ୍ର ନାଥ ପ୍ରମାଣିକ, ଉଦୟ ନାରାୟଣ ପାତ୍ର, ଶଶାଙ୍କ ଶେଖର ମହାନ୍ତି, ଗୌରାଙ୍ଗ ବାନାର୍ଜୀ, ବିନୋଦ ବିହାରୀ ମହାପାତ୍ର, ଭାଗବତ ମହାନ୍ତି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଂଜନ ଦାସ ପ୍ରମୁଖ ଭାରତୀୟ ସଂସ୍କୃତି ମଧ୍ୟରେ ଗୁରୁ ଛାତ୍ର ସୁସଂପର୍କ ସଂପର୍କରେ ବର୍ଣ୍ଣନା କରିବା ସହିତ ପୁରାତନ ଛାତ୍ରଛାତ୍ରୀଙ୍କ ଶୁଭ ମନାସୀଥିଲେ । ବିଦ୍ୟାଳୟର ଉନ୍ନତିଲାଗି ଆର୍ଥିକ ସହାୟତା ପ୍ରଦାନଲାଗି ପ୍ରତିଶୃତବନ୍ଧ ହେବା ସହିତ ସମସ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ପଚାଂୟତ ନିର୍ବାଚନରେ ସ୍ଥାନ ସଂରକ୍ଷଣକୁ ନେଇ ଉଠିଲା ପଶ୍ନ

କୋରେଇ,୧୭/୧୦ (ନି.ପ୍ର): ଆସନ୍ତା ପଚାଂୟତ ନିର୍ବାଚନକୁ ଆଖି ଆଗରେ ରଖି ସରପଂଚ ଓ ସମିତି ସଭ୍ୟ ପଦବୀ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି । ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ବ୍ଲକର ସରପଂଚ ଓ ସମିତି ସଭ୍ୟ ପଦବୀ ନିମନ୍ତେ ଏକ ତାଲିକା ପ୍ରସ୍ତୁତ କରାଯାଇ ପ୍ରକାଶିତ ହୋଇଛି । ଏହା ଉପରେ ଆପତି ଅଭିଯୋଗ ୧୬ ତାରିଖକୁ ରଖାଯାଇଛି । ୨୬ ତାରିଖ ସମ୍ପୂର୍ଣ୍ଣ ତାଲିକା ପ୍ରକାଶ ପାଇବ । ମାତ୍ର ଯାଜପୁର ଜିଲ୍ଲା ପ୍ରଶାସନ ଯେଉଁ ତାଲିକା ପ୍ରକାଶନ କରିଛି ତାହା ବେଆଇନ ଓ ରାଜନୈତିକ ଅଭିସନ୍ଧିମୂଳକ ବୋଲି ଅଭିଯୋଗ କରିଛନ୍ତି ତଣ୍ଡରା ପଂଚାୟତର ଯୁବ ସମାଜସେବୀ ଅକ୍ଷୟ କୁମାର କର । ଅଭିଯୋଗ ମୁତାବକ, ଗୋଟିଏ ପଂଚାୟତର ସରପଂଚ ଓ ସମିତି ଦୁଇଟି ଯାକ ମହିଳା ବା ପଛୁଆ ବର୍ଗ ଅବା ସମାନ ହେବାର କୌଣସି ନିୟମ ନାହିଁ । କିନ୍ତୁ, ଜିଲ୍ଲା ପ୍ରଶାସନ ସରପଂଚ ଓ ସମିତିକୁ ସମାନ ଭାବେ ବଂଟନ କରାଯାଇଛି । ଯଦି ବ୍ଲକ ଅଧକ୍ଷ ପଦବୀ ମହିଳା ହୁଏ ବା ସରପଂଚ ମହିଳା ହୁଏ, ତାହେଲେ ବ୍ଲକ ଉପାଧକ୍ଷ ଓ ନାଏବ ସରପଂଚ ପଦବୀ ପୁରୁଷ କରାଯାଉଛି । ଏପରିସ୍ଥଳେ ଗୋଟିଏ ଗୋଟିଏ ପଂଚାୟତ ସରପଂଚ ଓ ସମିତି ସଭ୍ୟ ପଦବୀ ଗୋଟିଏ କିପରି କରାଯାଉଛି । ଜିଲ୍ଲା ପ୍ରଶାସନ ପଂଚାୟତରାଜ ଆଇନକୁ ଅନୁଧାନ କରି ସଠିକ ସଂରକ୍ଷଣ ତାଲିକା ପ୍ରସ୍ତୁତ କରିବାକୁ ଦାବି ହୋଇଛି ।

# ବାଙ୍କା ବଜାର ପୂଜା କମିଟି ପକ୍ଷରୁ ବନ୍ଧୁ ମିଳନ



ଭଦ୍ରକ,୧୭/୧୦ (ନି.ପ୍ର): ପବିତ୍ର ଦଶହରା ଅବସରରେ ପୁରୁଣାବଜାରସ୍ଥିତ ବାଙ୍କାବଜାର ଠାରେ ଦୁର୍ଗା ପୂଜା କମିଟି ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ସହରର ବରିଷ୍ଠ ସାମ୍ବାଦିକ ପରମାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଭଦ୍ରକ ମୁସଲିମ୍ ଜମାତ୍‌ର ସଭାପତି ଜାତୀୟ ସଦଭାବନା ପୁରସ୍କାରପ୍ରାପ୍ତ ହାଜୀ ମହମ୍ମଦ ଅବଦୁଲ ବାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ମୁସଲିମ ଜମାତ୍‌ର ସହ ସଂପାଦକ ଅବଦୁଲ ମୁକିତ୍ ଖାଁ, ଫେଲୋସିପ୍‌ର ଅଧକ୍ଷ ଏସ.ଏମ.ଫାରୁକ୍, ସମାଜସେବୀ ସୁଧାକର ରାଉତ୍, ହିନ୍ଦୁ ସୁରକ୍ଷା କମିଟିର ସଭାପତି ବିଦ୍ୟାଧର ସାହୁ, ୟୁନାନୀ ଡାକ୍ତର ହକିମୁଦ୍ଦିନ ଖାଁ, ସାଳନ୍ଦୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ବାଇଧର ସାହୁ, ଶେଖ ଜୁଲଫୁକର, କବି ମୁସ୍ତାକ ଗହ୍ୱର, ଗାନ୍ଧୀ ବାଳାଶ୍ରମର ସଂପାଦକ ଅଶୋକ ଦାସ ଯୋଗ ଦେଇଥିଲେ । ସେମାନେ ପୁରୁଣାବଜାର ଅଞ୍ଚଳର ଦୁର୍ଗା ମୂଜାର ଐତିହ୍ୟ ଓ ଭାଇଚାରା ଉପରେ ମତ ରଖିଥିଲେ । ସେମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଅତିଥିମାନେ ଉମାପଦ ସିଂ, ସୁନିଲ କୁମାର ଚକ୍ରବର୍ତ୍ତୀ, ନରେନ୍ଦ୍ର କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଭଦ୍ରକ ଭାଇଚାରାର ସହର । ପ୍ରତ୍ୟେକ ମୁସଲମାନଙ୍କ ପର୍ବରେ ହିନ୍ଦୁମାନେ ସାମିଲ ହେବା ଓ ହିନ୍ଦୁ ପର୍ବପର୍ବାଣୀରେ ମୁସଲମାନମାନେ ସାମିଲ ହେବା ଏହି ଭାଇଚାରାର ନିଦର୍ଶନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଉକ୍ତ ବନ୍ଧୁ ମିଳନ ଉତ୍ସବକୁ କମିଟିର ସଭାପତି କମଳାକାନ୍ତ ପରିଡ଼ା, ସଂପାଦକ ନରେନ୍ଦ୍ର ସାହୁ, ସୌମ୍ୟରଂଜନ ଦାସ, କିଶୋର କୁମାର ପଣ୍ଡା, ଅମର କୁମାର ସାହୁ, ଦିଲ୍ଲୀପ ଚକ୍ରବର୍ତ୍ତୀ, ଦୀପଙ୍କର ଚକ୍ରବର୍ତ୍ତୀ, ପୂଜା କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ପରିଚାଳନା କରିଥିଲେ ।

# ଗାନ୍ଧୀ ନଗରଠାରେ ମାଁ ଭଣ୍ଡାର ଘରଣି ଛତର ଯାତ୍ରା

ନୂଆପଡା,୧୭/୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ଗାନ୍ଧି ନଗର ଠାରେ ମାଁ ଭଣ୍ଡାରଘରଣୀଙ୍କ ଛତରଯାତ୍ରା ସମାପନ ହୋଇଯାଇଛି । ଗତ ନଅ ଦିନ ଧରି ନବରାତ୍ର ପୂଜା ଗାନ୍ଧିନଗର ସ୍ଥିତ ମାଁ ଭଣ୍ଡାରଘରଣି ମନ୍ଦିରରେ ପୂଜା ପାଠ କରାଯାଇଥିଲା । ଗତକାଲି ବାଜା ଗାଜା ଘଂଟ ମହୁରୀ ସହ ଦେବୀଙ୍କ ଛତର ବାହାରିଥିଲା । ପରେ ଅସଂଖ୍ୟ ଜନସାଧାରଣଙ୍କ ସହ ମାଁ ଘର ଘର ବୁଲି ଗାନ୍ଧିନଗର ସମେତ ଧୋବାପଡା ଓ ବିଜେପୁର ନଗର ପରିକ୍ରମା କରିଥିଲେ । ଗାନ୍ଧି ନଗରରେ ପ୍ରଥମକରି ମାଁ ଭଣ୍ଡାରଘରିଆଣିଙ୍କ ଛତରଯାତ୍ରା ଆୟୋଜନ ହେଉଥିବା ହେତୁ ବହୁ ସଂଖ୍ୟାରେ ଲୋକ ସମାଗମ ହୋଇଥିଲେ ।

# ବିଶ୍ୱ ଧଳା ବାଡ଼ି ନିରାପଦ ଦିବସ ପାଳିତ

ଭଦ୍ରକ,୧୭/୧୦ (ନି.ପ୍ର): ଓଡିଶା ଭିନ୍ନକ୍ଷମ ମଞ୍ଚ ଭଦ୍ରକ ଶାଖା ଓ ସାମାଜିକ ସଂଗଠନ ଦାମୋଦର ଜୀଉ ସେବାୟତନର ମିଳିତ ସହଯୋଗରେ ଭଦ୍ରକ ବାଲଗୋପାଳ ମନ୍ଦିର ସମ୍ମିଳନୀ କକ୍ଷରେ ପ୍ରଥମ ଥର ପାଇଁ ବିଶ୍ୱ ଧଳା ବାଡ଼ି ଦିବସ ପାଳିତ ହୋଇଯାଇଛି । ମଞ୍ଚର ଉପଦେଷ୍ଟା ତଥା ପୂର୍ବତନ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶିବରାମ ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଭଦ୍ରକ ବିଧାୟକ ସଂଜିବ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବିଧାୟକ ଶ୍ରୀ ମଲ୍ଲିକ ନିଜ ବକ୍ତବ୍ୟରେ ଭିନ୍ନକ୍ଷମମାନଙ୍କ ନିକଟରେ ରହିଛି ଭରପୁର ଦକ୍ଷତା । ସହଯୋଗର ହାତ ବଢ଼ାଇଲେ ସେମାନଙ୍କ ଦକ୍ଷତାର ବିକାଶ ହୋଇପାରିବ ବୋଲି ବୋଲି ଶ୍ରୀ ମଲ୍ଲିକ କହିଥିଲେ । ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବାକୁ ସାମଗ୍ରୀକ ଉଦ୍ୟମ ଲୋଡ଼ା ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କାର୍ଯ୍ୟରତ ସମାଜ ମଙ୍ଗଳ ଅଧିକାରୀ ପଦ୍ମଲୋଚନ ଦାସ, ସମ୍ମାନିତ ଅତିଥି ଭାବେ ଚକ୍ଷୁ ବିଶେଷଜ୍ଞ ଡା. ସନ୍ତୋଷ କୁମାର ସିଂ ଯୋଗଦେଇଥିଲେ । ପ୍ରାରମ୍ଭରେ ବିଧାୟକ ଶ୍ରୀ ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବାବେଳେ, ଅଜୟ କୁମାର ସାହୁ ଓ ତାଙ୍କ ସାଥୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଉପସ୍ଥିତ ଶତାଧିକ ଦୃଷ୍ଟିବାଧିତଙ୍କ ମଧ୍ୟରୁ ୬୦ଜଣଙ୍କୁ ଧଳା ବାଡ଼ି ପ୍ରଦାନ କରାଯାଇଥିଲା । ଭିନ୍ନକ୍ଷମ ମଞ୍ଚର ସଭାପତି ଚିନ୍ତାମଣୀ ରାଉତ, ସଂପାଦକ ବେଣୁଧର ପଣ୍ଡା, ସହ ଉପଦେଷ୍ଟା ବିଜୟ କୁମାର ମହାନ୍ତି, ନାରିନେତ୍ରୀ ଝୁନୁଲତା ଦାସ, ହରିହର ଦାସ, ପ୍ରଭାତ କୁମାର ପରିଡ଼ା, ମାଧବାନନ୍ଦ ଦାସ, ପ୍ରଦୀପ କୁମାର ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଭାତ କୁମାର ପରିଡ଼ା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧର୍ମଶାଳା ସାହିତ୍ୟ ସମାଜର ବାର୍ଷିକୋତ୍ସବ

ଧର୍ମଶାଳା,୧୭/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ଧର୍ମଶାଳା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ଡ. ଜଗନ୍ନାଥ ଜେନାଙ୍କ ସଭାପତିତ୍ୱରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ଉଦଘାଟକଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଡ. ନଟବର ଶତପଥୀ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ବେଣୁଧର ପାଢୀ ଯୋଗ ଦେଇ ସାହିତ୍ୟ ଓ ସଂସ୍କୃତି ଭାଇଚାରାର କଥା କୁହେ ବୋଲି ମତାମତ ଦେଇଥିଲେ । ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ପାଇଥିବା କଳ୍ପିତ ଜେନା, କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ବାଲ ସାହିତ୍ୟ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ, ଶିଶୁ ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ଝଂଟିଆ, ମୋହନ ଚରଣ ସାହୁ,ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ମୁଖପତ୍ର 'ଗଙ୍ଗଶିଉଳି'କୁ ଅତିଥିମାନେ ଲୋକାର୍ପିତ କରିଥିଲେ । ଗାଳ୍ପୀକ ଅର୍ଜ୍ଜୁନ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି କାହ୍ନୁଚରଣ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଶେଷରେ ବେଣୁଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ରିବନ୍ଦ୍ର ବିହାରୀ, ମହେଶ୍ୱର ପାଢୀ, ସଶ୍ମିତା ଦାସ, ପ୍ରଶାନ୍ତ କୁମାର ସାହୁ, ବ୍ରଜ କିଶୋର ଦାସ, ରମାକାନ୍ତ ଜେନା, ହୃଷିକେଶ ସାମଲ, ଯୁଧୀଷ୍ଠିର ସ୍ୱାଇଁ, ପ୍ରେମଲତା ମହାରଣା, ସିପ୍ରା ଶୁଭଲକ୍ଷ୍ମୀ ବିଶ୍ୱାଳ, ବର୍ଷା ଜେନା, ବୈଶାଖୀ ଜେନା, ଶୁଭଲକ୍ଷ୍ମୀ ବିଶ୍ୱାଳ, ଅଞ୍ଜନା ସାହୁ, ଗୋଲଖ ପଲେଇ ଓ ନବଘନ ଜେନା ପ୍ରମୁଖ ଯୋଗ ଦେଇଥିଲେ ।

# ଅଜଣା ରୋଗରେ ନାବାଳିକାଙ୍କ ମୃତ୍ୟୁ

କୋରେଇ,୧୭/୧୦ (ନି.ପ୍ର): ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନନ୍ଦପୁର ପଂଚୟତର ବାଲିପଶି ଗ୍ରାମରେ ଅଜଣା ରୋଗରେ ଜଣେ ନାବଳିକାର ମୃତ୍ୟୁ ହୋଇଛି । ବାଲିପଶି ଗ୍ରାମର ଶତୃଘ୍ନ ସାହୁଙ୍କ ଝିଅ ମୋନାଲିସା (୧୫)ଙ୍କୁ ହଠାତ୍ ଜ୍ୱର ହୋଇଥିଲା । ଜ୍ୱର ନକମିବା ସହ ଘରେ ସେ ପଡିଯାଇଥିଲେ । ଫଳରେ କଥାବାର୍ତା କରିପାରୁନଥିଲେ । ପରିବାର ପକ୍ଷରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ପକ୍ଷଘାତ ଭଳି ତାଙ୍କ ଅଙ୍ଗଚାଳନା ବନ୍ଦ ହୋଇଯାଇଥିଲା । ସେଠାରେ ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । କଟକରେ ତାଙ୍କର ବ୍ରେନ ଟ୍ୟୁମର ହୋଇଥିବା ଡାକ୍ତର ମାନେ କହିଥିଲେ । ଶନିବାର ତାଙ୍କର ଅସ୍ତ୍ରୋପଚାର କରାଯିବାକୁ ସ୍ଥିର ହୋଇଥିଲା । ମାତ୍ର ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା ।

# ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାକଡ କଡରୁ ଯୁବକ ଉଦ୍ଧାର : ହତ୍ୟା ଉଦ୍ୟମ ସନ୍ଦେହ

କନ୍ଧମାଳ,୧୭/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ଫିରିଙ୍ଗିଆ ମୁଖ୍ୟ ରାସ୍ତାର ସ୍ରାସାନାଣ୍ଡା ଟେଲାପାଲି ଗାଁ ନିକଟ ରାସ୍ତା କଡରୁ ରକ୍ତ ଜୁଡୁବୁଡୁ ହୋଇ ଗୁରୁତର ଆହତ ହୋଇ ପଡିରହିଥିବା ଜଣେ ବ୍ୟକ୍ତଙ୍କୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ଚିକିତ୍ସା ପାଇଁ ଫିରିଙ୍ଗିଆ ମେଡିକାଲ ରେ ଭର୍ତିକରିଛନ୍ତି । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଫିରିଙ୍ଗିଆ ମେଡିକାଲରୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ତେବେ ଗୁରୁତର ଆହତ ଯୁବକ ଜଣକ କନ୍ଧମାଳ ଜିଲ୍ଲା ଟିକାବାଲି ଥାନା କଇଁଝର ପଂଚାୟତ ଖଣ୍ଡିକୁଟି ଗାଁ ର ପ୍ରମୋଦ କହଁର ବୋଲି ଜଣାପଡିଛି । ସୂଚନା ଅନୁସାରେ ପ୍ରମୋଦ ଗତ ୧୫ ତାରିଖ ଦଶହରା ପାଇଁ ନ୍ନିଜ୍ଜ ମାମୁ ଘର ଟେଲାପାଲିକୁ ବୁଲିବାକୁ ଆସିଥିଲେ । ହଠାତ୍ ସଂଧ୍ୟାସମୟରେ ସେ ନିଜ ମାମୁଙ୍କ ଘରୁ କୁଆଡେ ଚାଲିଯାଇଥିଲେ । ତାଙ୍କ ମାମୁଁଘର ଲେକେ ପ୍ରମୋଦ କୁ ବହୁ ଖେଜାଖୋଜି କଲାପରେ ମଧ୍ୟ ତାଙ୍କର କୌଣସି ସଂନ୍ଧାନ ପାଇନଥିଲେ । ଶନିବାର ସକାଳୁ ପ୍ରମୋଦ କହଁର ଶ୍ରାସାନାଣ୍ଡା ଗାଁ ନିକଟ ମୁଖ୍ୟରାସ୍ତା ରେ ରକ୍ତଜୁଡୁବୁଡୁ ହୋଇ ଚେତାଶୂନ୍ୟ ଅବସ୍ତାରେ ପଡିଥିବା ଖବରପାଇ ଗ୍ରାମବାସୀ ଙ୍କ ସହାଯ୍ୟରେ ପ୍ରମୋଦ ଙ୍କ ମାମୁଘର ଲୋକେ ତାଙ୍କୁ ଡାକ୍ତରଖାନାକୁ ନେଇଥିଲେ । ତେବେ ଗୁରତର ଆହତ ହୋଇଥିବା ପ୍ରମୋଦ କହଁର ଙ୍କ ତଣ୍ଟିରେ ଗଭୀର ଆଘାତ ଲାଗିଥିବା ବେଳେ କେହି ତାଙ୍କ ତଣ୍ଟିକୁ କୌଣଷି ଏକ ଧାରୁଆ ଅସ୍ତ୍ର ସହାଯ୍ୟରେ କାଟି ଦେଇଥିବା ଡାକ୍ତର କହିଛନ୍ତି । ଅନ୍ୟପଟେ ପୋଲିସ ଏକ ମାମାଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ କିଏ ଓ କାହିଁକି ପ୍ରମୋଦଙ୍କ ତଣ୍ଟିକୁ କାଟି ରାସ୍ତାକଡରେ ଫିଙ୍ଗିଦେଇ ଚାଲିଯାଇଛି ତାହା ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି ।

# ପଂଚାୟତ ନିର୍ବାଚନ ପୂର୍ବରୁ ନଛିମପୁରରେ ରାଜନୈତିକ କନ୍ଦଳ

ଜଳେଶ୍ୱର ,୧୭/୧୦ (ନି.ପ୍ର): ପଂଚାୟତ ନିର୍ବାଚନ ଯେତିକି ପାଖେଇ ଆସୁଛି, ଜଳେଶ୍ୱର ବ୍ଲକରେ କେତେକ ପଂଚାୟତରେ ଅସ୍ଥିରତା ସେତିକି ବଢି ଚାଲିଛି । ପଶ୍ଚିମବଂଗକୁ ଲାଗି ରହିଥିବା ନଛିମପୁର ପଂଚାୟତରେ ଗତ ଶୁକ୍ରବାର ରାତିରେ ୨ ଗୋଷ୍ଠୀଙ୍କ ମଧ୍ୟରେ ବାକ୍ ବିତଣ୍ଡା ପ୍ରକାଶ ପାଇଛି । ଜଳେଶ୍ୱର ପୁଲିସ୍ ଘଟଣାସ୍ଥଳକୁ ଯାଇଥିଲେ ମଧ୍ୟ ଦୀର୍ଘସମୟ ଉତ୍ତେଜନା ଲାଗି ରହିବାରୁ ଆଇଆଇସି ପ୍ରଜ୍ଞା ମହାନ୍ତି ସେଠାରେ ପହଞ୍ଚିଥିଲେ । ଉଭୟଗୋଷ୍ଠୀକୁ ଥାନାକୁ ଡକାଇ ସେମାନଙ୍କ ନିକଟରୁ ଅଭିଯୋଗ ଗ୍ରହଣ କରି ତଦନ୍ତ ଚଳାଇଛନ୍ତି । ଏଭଳି ଘଟଣା ବାରମ୍ବାର ଲାଗି ରହୁଥିବାରୁ ସେଠାରେ ରାତିରେ ପୁଲିସ୍ ମୁତୟନ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଧନିଆ ପତ୍ର ଖାଇ ଦୂର କରନ୍ତୁ ଏହି ୪ଟି ଶାରୀରିକ ସମସ୍ୟା



ମନୁଷ୍ୟକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ ସବୁଜ ପନିପରିବା । ଏହା ସହ ଶରୀରକୁ କୌଣସି ରୋଗ ଯେପରି ଛୁଇଁ ନ ପାରୁ ସେଥିପାଇଁ ମଧ୍ୟ ଡାକ୍ତରମାନେ ସବୁଜ ପନିପରିବା ଖାଇବା ପାଇଁ ପରାମର୍ଶ ଦେଇଥାନ୍ତି । ସେଥି ମଧ୍ୟରୁ ଗୋଟିଏ ହେଲା ଧନିଆ ପତ୍ର । ଯଦି ଆପଣ ଧନିଆ ପତ୍ରକୁ କଞ୍ଚାରେ ଖାଇବା ପାଇଁ ପସନ୍ଦ କରୁନାହାନ୍ତି, ତେବେ ଆପଣ ଏହାକୁ ଅନ୍ୟ ଉପାୟରେ ମଧ୍ୟ ସେବନ କରି ପାରିବେ । ଭିଟାମିନ ଏ ଏବଂ ଭିଟାମିନ୍ ସିରେ ଭରପୂର ଥିବା ଧନିଆ ପତ୍ର ଶରୀରର ଅନେକ ସମସ୍ୟାକୁ କିଛି ସମୟ ମଧ୍ୟରେ ଦୂର କରିଥାଏ । ତେବେ ଆସନ୍ତୁ ଜାଣିବା ଧନିଆ ପତ୍ରକୁ ଖାଇବା ଦ୍ୱାରା ଶରୀରର କେଉଁ ସମସ୍ତ ସମସ୍ୟା ଦୂର ହୋଇଥାଏ...

■ କିଛି ଲୋକଙ୍କର ପାଚନ ପ୍ରକ୍ରିୟାରେ ସମସ୍ୟା ଦେଖା ଯାଇଥାଏ, ଯାହା ଦ୍ୱାରା ଗ୍ୟାସ୍‌ର ସମସ୍ୟା ଦେଖା ଯାଇଥାଏ । ଯଦି ପ୍ରତିଦିନ ଏଭଳି ସମସ୍ୟା ଦେଖା ଦେଉଛି ତେବେ ଖାଇବାରେ ଧନିଆ ପତ୍ରକୁ ସାମିଲ କରନ୍ତୁ । ଧନିଆର ପତ୍ର ଖାଇବା ଦ୍ୱାରା ଗ୍ୟାସ୍ ସମସ୍ୟାରୁ ମୁକ୍ତି ମିଳିଥାଏ ।

■ ବେଳେ ବେଳେ କାମର ଚାପ ହେତୁ ଲୋକମାନେ ଠିକ୍ ପରିମାଣରେ ପାଣି ପିଇ ପାରନ୍ତି ନାହିଁ, ଯାହା ଫଳରେ ପରିଶ୍ରାରେ ସମସ୍ୟା ଦେଖା ଯାଇଥାଏ । ଏଭଳି ପରିସ୍ଥିତିରେ ଧନିଆ ପତ୍ରକୁ ରାଇତା, ସାଲାଡ୍ ଏବଂ ତରକାରିରେ ପକାଇ ଖାଇଲେ ଏହି ସମସ୍ୟା ଦୂର ହୋଇଥାଏ ।

■ ଏଥିରେ ଭିଟାମିନ ଏ ଏବଂ ଭିଟାମିନ୍ ସି ପ୍ରଚୁର ପରିମାଣରେ ଥିବାରୁ ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ।

■ ଆଣ୍ଠୁଗଣ୍ଠିର ସମସ୍ୟା ଦେଖା ଯାଉଥିଲେ ପ୍ରତିଦିନର ଖାଇବାରେ ଏହାକୁ ସାମିଲ କରନ୍ତୁ । ଧନିଆ ପତ୍ର ଉପଲବ୍ଧ ନ ଥିଲେ ଧନିଆ ପାଉଡର ମଧ୍ୟ ଆପଣ ବ୍ୟବହାର କରି ପାରିବେ । ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ଆଣ୍ଠୁଗଣ୍ଠିର ସମସ୍ୟା ଦୂର ହୋଇଥାଏ ।



## ଫିଟ୍ ରହିବା ସତ୍ତ୍ୱେ କାହିଁକି ହୁଏ ହାର୍ଟ ଆଟାକ୍ ?



ସାଧାରଣତଃ ଅଧିକାଂଶ ଲୋକ ସୁସ୍ଥ ରହିବା ପାଇଁ ପ୍ରତିଦିନ ବ୍ୟାୟମ କରନ୍ତି । କେହି କେହି ନିଜକୁ ଫିଟ ରଖିବା ପାଇଁ ଜିମ ମଧ୍ୟ ଯାଆନ୍ତି । ଏସବୁ ସତ୍ତ୍ୱେ ଅନେକ ଯୁବାବସ୍ଥାରେ ହୃଦଘାତର ଶିକାର ହୋଇଥାନ୍ତି । ତେବେ ଫିଟ ରହିବା ସତ୍ତ୍ୱେ ହୃଦଘାତ ବା ହାର୍ଟ ଆଟାକ କାହିଁକି ହୁଏ ? ଆସନ୍ତୁ ଜାଣିବା

❑ ଧୂମପାନ ତଥା ସିଗାରେଟ କିମ୍ବା ବିଡି ସେବନ କରୁଥିବା ଲୋକଙ୍କୁ ହାର୍ଟ ଆଟାକର ଅଧିକ ବିପଦ ଥାଏ । ଦୀର୍ଘ ଦିନ ଧରି ଧୂମପାନ କରିବା ଦ୍ୱାରା ହୃଦଘାତ ଆଶଙ୍କା ବଢ଼ିଥାଏ ବୋଲି ଏକ ଅଧ୍ୟୟନରେ କୁହାଯାଇଛି । ଏଥିପାଇଁ ଯେତେ ସମ୍ଭବ ବିଡି-ସିଗାରେଟ ଠାରୁ ଦୂରେଇ ରହିବା ଉଚିତ ।

❑ ଫିଟ୍ ଥିବା ସତ୍ତ୍ୱ ଯଦି ଉଚ୍ଚ ରକ୍ତଚାପ ଥାଏ ତେବେ ସେହି ବ୍ୟକ୍ତି ମଧ୍ୟ ହୃଦଘାତର ଶିକାର ହୋଇପାରନ୍ତି । ହାଇ ବ୍ଲଡପ୍ରେସର ହୃଦୟକୁ ନିୟନ୍ତ୍ରଣ କରୁଥିବା ଧମନୀକୁ କ୍ଷିତି ପହଞ୍ଚାଇଥାଏ । ମୋଟାପଣ, ହାଇ କୋଲେଷ୍ଟ୍ରୋଲ ଏବଂ ଡାଇବେଟିସ ଯୋଗୁ ହାଇ ବ୍ଲଡପ୍ରେସରର ସମସ୍ୟା ବଢ଼ିଥାଏ । ଏଥିପାଇଁ ଏସବୁକୁ ନେଇ ସାବଧାନ ରହିବା ଉଚିତ ।

❑ ରକ୍ତରେ କୋଲେଷ୍ଟ୍ରୋଲ ସ୍ତର ବଢ଼ିବା, ଉଚ୍ଚ ରକ୍ତଚାପ ଏବଂ ମଧୁମେହର ମେଦବହୁଳତା ସହ ସିଧାସଳଖ ସମ୍ପର୍କ ରହିଥାଏ । ଏକ ରିପୋର୍ଟ ମୁତାବକ ଯଦି ମୋଟାପଣକୁ ନିୟନ୍ତ୍ରଣ ରଖାଯାଏ ତେବେ ହାର୍ଟ ଆଟାକ ଭଳି ସମସ୍ୟା ଦୂର ହୋଇପାରିବ ।

❑ ଶରୀରରେ ପାନକ୍ରିୟାଜ ସଠିକ ଢ଼ଙ୍ଗରେ କାମ ନକଲେ ରକ୍ତରେ ସୁଗାର ଲେବୁଲ ବଢ଼ିବାକୁ ଲାଗେ । ଏଥିସହ ଶରୀରରେ ରକ୍ତଚାପକୁ ନିୟନ୍ତ୍ରଣରେ ରଖୁଥିବା ହର୍ମୋନ୍ସ ମଧ୍ୟ ଉତ୍ପନ୍ନ ହେବା ବନ୍ଦ ହୋଇଯାଏ । ଏଭଳି ସ୍ଥିତିରେ ମଣିଷ ଡାଇବେଟିସ ଏବଂ ବ୍ଲଡ ପ୍ରେସର ଶିକାର ହୋଇଥାଏ । ହୃଦଘାତ ଆଶଙ୍କା ମଧ୍ୟ ବଢ଼ିବାକୁ ଲାଗେ ।

❑ ବିଶେଷଜ୍ଞଙ୍କ ମତାନୁସାରେ ବଂଶଗତ କାରଣ ଯୋଗୁଁ ମଧ୍ୟ ହାର୍ଟ ଆଟାକ ହୋଇପାରେ । ଯେଉଁ ବ୍ୟକ୍ତିଙ୍କ ପରିବାର ବର୍ଗ, ଭାଇ-ଭଉଣୀ ବା ବାପା-ମା'ଙ୍କ ଏଭଳି ସମସ୍ୟା ରହିଛି, ସେମାନେ ବିଶେଷ ରୂପେ ସାବଧାନ ରହିବା ଉଚିତ । ପୁରୁଷଙ୍କ ୫୫ ବର୍ଷ ଏବଂ ମହିଳାଙ୍କ ମଧ୍ୟରେ ୬୫ ବର୍ଷରେ ହାର୍ଟ ଆଟାକ ସମସ୍ୟା ବଢ଼ିଥାଏ ।

❑ ଅଧିକ ଷ୍ଟ୍ରେସ ବା ମାନସିକ ଅବସାଦ ମଧ୍ୟ ହାର୍ଟ ଆଟାକର ଅନ୍ୟତମ କାରଣ । ଅଧିକ ଅବସାଦଗ୍ରସ୍ତ ବ୍ୟକ୍ତି ହୃଦଘାତର ଶିକାର ହୋଇପାରନ୍ତି ବୋଲି ଡାକ୍ତରମାନେ କୁହନ୍ତି । ଏଥିରୁ ରକ୍ଷା ପାଇବା ପାଇଁ ନିୟମିତ ରୂପେ ବ୍ୟାୟମ ଏବଂ ନିୟନ୍ତ୍ରଣ ଡାଏଟ ଫଲୋ କରିବା ଉଚିତ ।

## ଘରେ ତିଆରି କରନ୍ତୁ ତାଡ଼ିଆ ମିଠା

**ଆବଶ୍ୟକ ସାମଗ୍ରୀ:** କ୍ଷୀର,ଚିନି, ମଇଦା, ଛେନା, ଅଳେଇଚ ଗୁଣ୍ଡ ଓ ତେଲ ।




**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କରେଇରେ କ୍ଷୀରକୁ ଗରମ କରନ୍ତୁ । କ୍ଷୀର ଗରମ ହୋଇଯିବା ପରେ ସେଥିରେ ଚିନି ପକାନ୍ତୁ । କ୍ଷୀରରେ ଚିନି ମିଶିବା ପର୍ଯ୍ୟନ୍ତ ଏହାକୁ ଭଲ ଭାବରେ ଗୋଳାନ୍ତୁ । ଏହାପରେ କ୍ଷୀରକୁ ଦଶରୁ ପନ୍ଦର ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ । କ୍ଷୀର ଫୁଟି ଫୁଟି ଅଧା ହୋଇଗଲା ପରେ ତାହାକୁ ଓହ୍ଲାଇ ଏକ ପାତ୍ରରେ ରଖି ଦିଅନ୍ତୁ ।

ଏକ ପାତ୍ରରେ ଛେନାକୁ ଭଲ ଭାବେ ଚିପୁଡ଼ି ରଖନ୍ତୁ । ଏହାପରେ ଛେନାରେ ମଇଦା ମିଶାଇ ଭଲ କରି ଚକଟି ଦିଅନ୍ତୁ । ଚକଟି ସାରିବା ପରେ ଏହାକୁ ଗୋଲ ଗୋଲ କାକରାର ଆକାର ତିଆରି କରି ଏକ ପାତ୍ରରେ ରଖନ୍ତୁ ।

ଏହାପରେ କରେଇରେ ତେଲକୁ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ପ୍ରସ୍ତୁତ କାକରା ଗୁଡିକୁ ଛାଣନ୍ତୁ । ଏହାକୁ ଅଳ୍ପ ନାଲି ରଙ୍ଗ ହୋଇଗଲା ପର୍ଯ୍ୟନ୍ତ ଛାଣନ୍ତୁ । ପରେ ଏହାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ ।

ଛଣା କାକରାକୁ ଆଗରୁ ପ୍ରସ୍ତୁତ ହୋଇଥିବା କ୍ଷୀରରେ ପକାନ୍ତୁ । ସେଥିରେ ଅଳେଇଚ ଗୁଣ୍ଡ ପକାଇ କିଛି ସମୟ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ତାଡ଼ିଆ ମିଠା ।

## ଓଜନ ହ୍ରାସର ସରଳ ଉପାୟ



ଆମେରିକାର ଏକ ନାମକରା କମ୍ପାନୀ ନିଜ କର୍ମଚାରୀଙ୍କ ନିମନ୍ତେ ବିଶେଷ ଖାଦ୍ୟପେୟ ତାଲିକା ପ୍ରସ୍ତୁତ କରିଛି । ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶରେ କମ୍ପାନୀ ମୁଖ୍ୟ ଏଭଳି ପଦକ୍ଷେପ ନେଇଥିଲେ । କର୍ମଚାରୀଙ୍କ ଓଜନ ଅସ୍ୱାଭାବିକ ଭାବେ ବୃଦ୍ଧି କାରଣରୁ କମ୍ପାନୀ ମୁଖ୍ୟ ବିଚାରକ ମଣ୍ଡଳୀ ସହ ପରାମର୍ଶ କରି କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ଏହି ପ୍ରକ୍ରିୟାଟି ଉଚିତ୍ ଭାବେ କାର୍ଯ୍ୟ କରିବାରୁ ବୈଜ୍ଞାନିକ ମାନେ ମଧ୍ୟ ଏହି ଉପାୟକୁ ଓଜନ ହ୍ରାସର ସର୍ବୋତ୍ତମ ଉପାୟ ଭାବେ ପ୍ରକାଶ କରିଛନ୍ତି । ଏଥିପାଇଁ କର୍ମଚାରୀଙ୍କୁ ୭ଦିନର ଖାଦ୍ୟ ତାଲିକା ପ୍ରଥମେ ପ୍ରସ୍ତୁତ କରି ଦିଆଗଲା । ପ୍ରଥମଦିନ କେବଳ ଫଳାହାର ଓ ପାଣି ପିଇବାକୁ ପରାମର୍ଶ ଦିଆଯିବା ସହ କଦଳୀ ଆଦୌ ନଖାଇବାକୁ କୁହାଯାଇଥିଲା । ପ୍ରଥମଦିନ ତାଲିକାରେ ଜଳଖିଆରେ ଗୋଟିଏ ସେଓ, ଗୋଟିଏ କମଳା ଓ ଦୁଇ ଗିଲାସ ପାଣି । ଦ୍ୱିପହର ଭୋଜନରେ ପାଚିଲା ଅମୃତଭଣ୍ଡା, ତରଭୁଜ ଓ ଦୁଇ ଗିଲାସ ପାଣି । ରାତିରେ ଅନୁରୂପ ଫଳାହାର । ଦ୍ୱିତୀୟ ଦିନରେ କେବଳ ସିଝା ପନିପରିବା ଖାଇବାକୁ ପରାମର୍ଶ ଦିଆଗଲା । ତୃତୀୟ ଦିନ ଫଳ ଓ ପନିପରିବା ମିଶ୍ରିତ ଭାବରେ ଖାଇବାକୁ ପରାମର୍ଶ ଦିଆଯାଇଥିଲା । ଏଭଳି ପ୍ରକ୍ରିୟାରେ ତୃତୀୟ ଦିନ ହିଁ ଅଧିକାଂଶ କର୍ମଚାରୀଙ୍କ ଓଜନ ହ୍ରାସ ହୋଇଥିବାର ଲକ୍ଷ୍ୟ କରାଗଲା ।


## ସ୍ୱର୍ଗଠାରୁ କିଛି କମ୍ ନୁହେଁ ଏହି ସବୁ ବିଳାସପୂର୍ଣ୍ଣ ହୋଟେଲ୍

ଦେଶବିଦେଶରେ ଭ୍ରମଣ କରିବା, ବିଳାସପୂର୍ଣ୍ଣ ହୋଟେଲ୍‌ରେ ରହିବା ଲାଗି ସମସ୍ତଙ୍କ ମନରେ ଇଚ୍ଛା ଥାଏ । ଆଜି ଆପଣଙ୍କୁ ଏପରି କିଛି ହୋଟେଲ୍ ବିଷୟରେ କହିବୁ ଯାହା କୌଣସି ସ୍ୱର୍ଗଠାରୁ କମ୍ ନୁହେଁ । ଏହାକୁ ଦେଖିଲା ପରେ ସେହି ସ୍ଥାନକୁ ଯିବାକୁ ଆପଣଙ୍କୁ ନିଶ୍ଚୟ ଇଚ୍ଛା ହେବ ।












♦ ଏହା ହେଉଛି ମାଳଦ୍ୱୀପର ରେଙ୍ଗାଲି ଆଇସ୍‌ଲ୍ୟାଣ୍ଡରେ ତିଆରି ହୋଇଥିବା କେନରାଡ୍ ହୋଟେଲ୍ । ଏହା ସମୁଦ୍ର ଭିତରେ ରହିଛି । ଏହା ଏଭଳି କୌଶଳରେ ନିର୍ମିତ ହୋଇଛି ଯେ, ହୋଟେଲ୍ ଭିତରୁ ଚାରିପାଖକୁ ଦେଖିଲେ ଆପଣଙ୍କୁ ସମୁଦ୍ରର ସୁନ୍ଦର ମାଛ ଦେଖାଯିବ ।

♦ ପାହାଡ଼ ଉପରେ ତିଆରି ହୋଇଛି ସ୍ୱିଜରଲ୍ୟାଣ୍ଡର ଇଷ୍ଟର କ୍ଲିଫ୍ ହୋଟେଲ୍ । ଏହା ଦେଖିବାକୁ ବହୁତ ସୁନ୍ଦର । ଏହା ଏପରି ତିଆରି ହୋଇଛି ଯେ, ସେଠାକୁ ଗଲେ ଆପଣ ଏକ ନୂଆ ଏବଂ ଅଲଗା ଦୁନିଆରେ ପହଞ୍ଚିଲା ପରି ଅନୁଭବ କରିବେ ।

♦ ଫ୍ରାନ୍ସର ଏଟ୍ରୋପ୍ ରିଭ୍ସ ହୋଟେଲ୍ ପ୍ରକୃତିର କୋଳରେ ତିଆରି ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ହୋଟେଲ୍‌ର ଚାରିପାଖରେ ବରଫ ଢାଙ୍କି ହୋଇ ରହିଛି । ପ୍ରକୃତିର ଏହି ସୌନ୍ଦର୍ଯ୍ୟ ଦେଖି ଆପଣ ବି ଭାବିବେ ସତରେ କ'ଣ ଏପରି ଜାଗା ରହିଛି ।







♦ ଏହା ହେଉଛି ଇଟାଲିର ରେଷ୍ଟୁରାଣ୍ଟ ଗ୍ରୋଟା ହୋଟେଲ୍ । ଏହା ପାହାଡ଼ରେ ଥିବା ଏକ ଗୁମ୍ଫାରେ ତିଆରି ହୋଇଛି । ସନ୍ଧ୍ୟାବେଳେ ଏହି ହୋଟେଲ୍ ଦେଖିବାକୁ ବହୁତ ସୁନ୍ଦର ଲାଗିଥାଏ । ଏହି ଜାଗାକୁ ଆପଣ ଗଲେ ସ୍ୱର୍ଗରେ ପହଞ୍ଚିଗଲା ପରି ଅନୁଭବ କରିବେ ।

♦ ଥାଇଲ୍ୟାଣ୍ଡର ରୟାଦି କରାବିରେ ତିଆରି ହୋଇଥିବା ଏହି ହୋଟେଲ୍ ଗ୍ରୋଟା ହୋଟେଲ୍ ଭଳି ଗୁମ୍ଫାରେ ରହିଛି । ଗ୍ରୋଟା ହୋଟେଲ୍ ଏବଂ ଏହି ହୋଟେଲ୍ ଭିତରେ କେବଳ ଏହି ଫରକ୍ ଯେ, ଏହା ସମୁଦ୍ର ତଟରେ ରହିଛି ।

♦ ଜଙ୍ଗଲ ମଝିରେ ତିଆରି ହୋଇଥିବା ଏହି ହୋଟେଲ୍ ପ୍ରକୃତି ପ୍ରେମୀଙ୍କୁ ଖୁବ୍ ଭଲ ଲାଗିଥାଏ । ଏହି ହୋଟେଲ୍‌ର ନାମ ପଞ୍ଚୋରନ ରିଟ୍ରିଟ୍ ରିସୋର୍ଟ । ଏହା ଇଣ୍ଡୋନେସିଆର ଏକ ଦ୍ୱୀପରେ ରହିଛି ।

♦ ଫିଲିପିନ୍ସରେ ଥିବା ଏହି ହୋଟେଲ୍‌ର ନାମ ଭିଲ୍ଲା ଏସ୍କୋଡେରୋ ରେଷ୍ଟୁରାଣ୍ଟ । ଏହିଠାରେ ଥିବା ଝରଣା ପୁରାପୁରି ଅସଲି । ଏଠାରେ ପର୍ଯ୍ୟଟକଙ୍କ ରହିବା ପାଇଁ ସବୁ ସୁବିଧା ରହିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଭବିଷ୍ୟତ ଚିନ୍ତା...

ଦେଶରେ କରୋନା ସଂକ୍ରମଣର ହ୍ରାସ ବୃଦ୍ଧି ଯେଉଁଭଳି ଭାବେ ସରକାର ଓ ଜନସାଧାରଣଙ୍କୁ ହତଚକିତ କରି ରଖିଛି ସେଥିରୁ ଏବେ ସୁଦ୍ଧା ଦ୍ୱିତୀୟ ଲହର ଶେଷ ହେଲାଣି ଅବା ନାହିଁ ତାହା ନିର୍ଦ୍ଦିଷ୍ଟ ଭାବେ ଠଉରାଇ ହେଉନାହିଁ । ଅପରପକ୍ଷେ ତୃତୀୟ ଲହର ଆସିବାର ଆଶଙ୍କା ଦେଖାଦେଲାଣି ବୋଲି ମଧ୍ୟ ବୈଜ୍ଞାନିକ ଓ ଚିକିତ୍ସାବିଜ୍ଞାନୀମାନେ ସତର୍କବାଣୀ ଶୁଣାଇବା ଆରମ୍ଭ କରିଛନ୍ତି । ଏପରିସ୍ଥଳେ ସରକାର ମଧ୍ୟ ଲୋକମାନଙ୍କୁ ଚେତାବନୀ ଦେଉଛନ୍ତି ଯେ କରୋନା ମହାମାରୀକୁ ଏପର୍ଯ୍ୟନ୍ତ ମୂଳୋତ୍ପାଟନ କରାଯାଇ ପାରିନାହିଁ । ତେଣୁ ସମସ୍ତଙ୍କୁ ସତର୍କ ରହିବାକୁ ପଡ଼ିବ । ଏପରିକି ପୂର୍ବରୁ ଜାରି କରାଯାଇଥିବା ସତର୍କତାମୂଳକ ପଦକ୍ଷେପରେ ସାମାନ୍ୟ ଅବହେଳା ପ୍ରଦର୍ଶନ କରିବାର ପ୍ରଶ୍ନ ଉଠୁନାହିଁ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବାରମ୍ବାର ସତର୍କ କରାଯାଉଛି । ଏପରିସ୍ଥଳେ ଦେଶର ଦୈନିକ ସଂକ୍ରମଣ ସାମାନ୍ୟ ହ୍ରାସ ପାଇଥିଲେ ସୁଦ୍ଧା ସଂକ୍ରମିତଙ୍କ ମଧ୍ୟରେ ଶିଶୁମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି । ସରକାରୀ ପରିସଂଖ୍ୟାନ ସୂଚାଏ ଯେ ଗତ ମାର୍ଚ୍ଚ ମାସଠାରୁ ଅଦ୍ୟାବଧି ଶିଶୁମାନଙ୍କ ଠାରେ ସଂକ୍ରମଣ ଦୁଇ ତୃତୀୟାଂଶ ବୃଦ୍ଧି ପାଇଛି ଏବଂ ତାହା ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି । ଓଡ଼ିଶା ସମେତ କେତେକ ରାଜ୍ୟ ସେମାନଙ୍କର ଦୈନିକ ସଂକ୍ରମଣ ଡ୍ୟାସବୋର୍ଡରେ ଶୂନ୍ୟରୁ ୧୮ ବର୍ଷ ଆୟୁସୀମା ମଧ୍ୟରେ ସଂକ୍ରମିତ ଶିଶୁଙ୍କ ସଂଖ୍ୟାକୁ ଦର୍ଶାଉଛନ୍ତି । ଏବଂ ତାହା ବଢ଼ି ବଢ଼ି ଚାଲିଛି । ସ୍ମରଣଯୋଗ୍ୟ ଯେ କରୋନାର ପ୍ରଥମ ଲହର ବେଳେ ଲକ୍ଷ୍ୟ କରାଯାଇଥିଲା ଯେ ବୟୋବୃଦ୍ଧମାନେ ଏଥିରେ ସର୍ବାଧିକ ସଂଖ୍ୟାରେ ଆକ୍ରାନ୍ତ ହୋଇଥିଲେ । ଦ୍ୱିତୀୟ ଲହର ବେଳେ ଯୁବଗୋଷ୍ଠୀ ଏହି ମହାମାରୀର ସର୍ବାଧିକ ଶିକାର ହୋଇଥିଲେ । ସେତେବେଳେ ଏହା ସବୁଠାରୁ ଅଧିକ ଘାତକ ଓ ବ୍ୟାପକ ଆକାର ଧାରଣ କରିଥିଲା ଯାହାକି ଦେଶର ସତର୍କତା ଓ ସମୁଚିତ ସତର୍କତା ଓ ଉପଚାରମୂଳକ ପଦକ୍ଷେପ ଗ୍ରହଣ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲା । ସେତେବେଳେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ବିଜ୍ଞାନୀମାନେ ଚିନ୍ତା ପ୍ରକଟ କରିଥିଲେ ଯେ ସମ୍ଭାବ୍ୟ ତୃତୀୟ ଲହରରେ ଶିଶୁମାନେ ହିଁ ସର୍ବାଧିକ ଆକ୍ରାନ୍ତ ହୋଇପାରନ୍ତି । ଏହାର କାରଣ ମଧ୍ୟ ବେଶ୍ ଯୁକ୍ତିସିଦ୍ଧ ଭାବେ ସେମାନେ ଦର୍ଶାଇଥିଲେ । ଭାରତ ସମେତ ବିଶ୍ୱରେ ସର୍ବତ୍ର ବର୍ତ୍ତମାନ ବ୍ୟାପକ ଟିକାକରଣ କାର୍ଯ୍ୟକ୍ରମ ଚାଲିଛି । କିନ୍ତୁ ତାହା ବୟସ୍କ ଓ ବୟୋବୃଦ୍ଧଙ୍କୁ ହିଁ ଦିଆଯାଉଛି । ୧୮ବର୍ଷରୁ କମ୍ ବୟସର ଶିଶୁମାନଙ୍କ ପାଇଁ ଏବେ ଟିକାକରଣ ଆରମ୍ଭ ହୋଇନାହିଁ । ଶିଶୁମାନଙ୍କ ପାଇଁ ଯେଉଁ ଟିକା ଉଦ୍ଭାବିତ ହୋଇଛି ତାହା ପରୀକ୍ଷଣ ପର୍ଯ୍ୟାୟରେ ହିଁ ରହିଛି । ଭାରତର ସ୍ଥିତି ମଧ୍ୟ ଅନୁରୂପ । ଯେଉଁ ଆୟୁବର୍ଗର ଲୋକମାନଙ୍କୁ ଟିକା ପ୍ରଦାନ କରାଯାଇଛି ସେମାନେ ଏହି ମହାମାରୀ ଠାରୁ ଆପାତତଃ ସୁରକ୍ଷିତ ରହିଛନ୍ତି । ସେମାନଙ୍କ ତୁଳନାରେ ଶିଶୁମାନେ ହିଁ ଅଧିକ ସଂକ୍ରମଣ ଆଶଙ୍କାରେ ରହିଛନ୍ତି । ସେମାନଙ୍କ ଠାରେ ଯେଉଁ ରୋଗ ପ୍ରତିରୋଧ ଶକ୍ତି ରହିଛି ତାହା ହିଁ ସେମାନଙ୍କର ସୁରକ୍ଷା କବଚ । କିନ୍ତୁ କୋଭିଡ ୧୯ ଭୂତାଣୁ ଇତି ମଧ୍ୟରେ ବାରମ୍ବାର ତା'ର ଷ୍ଟ୍ରେନ୍ ବଦଳାଇ ଚାଲିଛି । ନୂତନ ଭେରିଆଣ୍ଟ୍ ଶିଶୁମାନଙ୍କ ପାଇଁ ଅଧିକ ସଂକ୍ରମଣକ୍ଷମ ଏବଂ ଘାତକ ସାବ୍ୟସ୍ତ ହୋଇପାରେ ବୋଲି ବିଜ୍ଞାନୀମାନଙ୍କ ଆଶଙ୍କାକୁ ଅମୂଳକ ବୋଲି କୁହାଯାଇନପାରେ । ଯେଉଁ ଚୀନରୁ ଏହି ମହାମାରୀର ଅୟମାରମ୍ଭ ହୋଇଥିଲା ଏବେ ଡେଲଟା ଷ୍ଟ୍ରେନ୍ ଏବଂ ଶିଶୁମାନଙ୍କ ସଂକ୍ରମଣକୁ ନେଇ ସେ ଦେଶର ବିଭିନ୍ନ ନଗରୀରେ କଠୋର କଟକଣା ଲାଗୁ ଓ ଲକ୍‌ଡାଉନ୍ ଲାଗୁ କରାଯାଇସାରିଲାଣି । କିନ୍ତୁ ଭାରତର ସ୍ଥିତି ଭିନ୍ନ । ଦେଶରେ ବର୍ଷାଧବକ କାଳ ବନ୍ଦ୍ ରହିବାପରେ ଅଧିକାଂଶ ରାଜ୍ୟରେ ବର୍ତ୍ତମାନ ସ୍କୁଲ କଲେଜ ଖୋଲାଲାଣି । ପିଲାମାନେ ଶ୍ରେଣୀକକ୍ଷରେ ବସି ପାଠ ପଢ଼ିବା ଆରମ୍ଭ କଲେଣି । କିନ୍ତୁ ସମ୍ଭାବ୍ୟ ସଂକ୍ରମଣ ଏବଂ ସତର୍କତା ଅବଲମ୍ବନ ସେମାନଙ୍କୁ କେତେ ମାତ୍ରାରେ ସୁରକ୍ଷିତ ରଖିବ ତାହା ଅନୁମାନ କରିବା କାଠିକର ପାଠ । ଶିଶୁ ହୁଅନ୍ତୁ ଅବା ଅନ୍ୟ ଯେକୌଣସି ଆୟୁବର୍ଗର ଲୋକ, ସମସ୍ତଙ୍କ ଜୀବନ ଅମୂଲ୍ୟ । ତେଣୁ ଦ୍ୱିତୀୟ ଲହର ଶେଷ ହୋଇଥାଉ କି ନାହିଁ, ତୃତୀୟ ଲହର ଆସୁ ଅବା ନଆସୁ, ସମସ୍ତେ ସତର୍କ ରହିବା ହିଁ ଏକମାତ୍ର ପନ୍ଥା । ଏହା ଦେଶବାସୀ ଓ ବିଶ୍ୱବାସୀ ଅନୁପାଳନ କରିବା ଶ୍ରେୟ ।

## ମନୋକ୍ଲୋନାଲ ଆଣ୍ଟିବଡ଼ି ଚିକିତ୍ସା



ଡାକ୍ତର ସୁରେନ୍ଦ୍ର ନାଥ ଦାଶ

କରୋନ ମହାମାରୀର ସଂକ୍ରମଣ କାଳର ପ୍ରଥମ ଆଠମାସ ଆମେ ସମସ୍ତେ ଅସହାୟ ଭାବରେ ଦେଖିବା ଛଡା ଆଉ କିଛି କରିପାରୁନଥିଲେ । କେବଳ ରୋଗୀର ଅମ୍ଳଜାନ ସାନ୍ଦ୍ରତା ମାପିବା, ଲକ୍ଷଣ ଅନୁଯାୟୀ ଔଷଧ ଦେବା ଛଡା ଉପାୟ ଆମର କିଛି ନଥିଲା । କହିବାକୁ ଗଲେ ନା ଭାକସିନ ନା ଔଷଧ ତା ପାଇଁ ଉପଲବ୍ଧ ହେଉଥିଲା । କିଛିଦିନ ପରେ ରୋଗ ବିପଦପୂର୍ଣ୍ଣ ଅବସ୍ଥାରେ ପହଞ୍ଚିଲେ, ରୋଗୀକୁ ହସପିଟାଲରେ ଭର୍ତ୍ତିକରି ଅକ୍ସିଜେନ ଓ ଭେଣ୍ଟିଲେଟର ସାହାଯ୍ୟରେ ରୋଗକୁ ସମ୍ଭାଳିବାକୁ ଚେଷ୍ଟା କରାଯାଉଥିଲା । ମାତ୍ର ସେତେବେଳକୁ ରୋଗ ମାରାତ୍ମକ ଅବସ୍ଥାକୁ ଗତି କରି ସାରିଥିଲା । ତାର ଅର୍ଥ ରୋଗର ପ୍ରାଥମିକ ଅବସ୍ଥାରେ କୌଣସି ଉପଚାର ନଥିଲା ।

ବର୍ତ୍ତମାନ ମନୋକ୍ଲୋନାଲ ଆଣ୍ଟିବଡି ବାହାରିଲା ପରେ ଅବସ୍ଥା ବଦଳି ଯାଇଛି । ନିକଟରେ ଆମେରିକାର ଫୁଡ ଆଣ୍ଡ ଡ୍ରଗ ବିଭାଗ ରଉଇ ଜରୁରୀ ବ୍ୟବହାର ପାଇଁ ମନୋକ୍ଲୋନାଲ ଆଣ୍ଟିବଡି ନାମରେ ଏକ ପ୍ରକାର ଔଷଧକୁ କକଟେଲ ଚିକିତ୍ସା ପାଇଁ ଜରୁରୀ ଅନୁମତି ଦେଇଛନ୍ତି । ସାଙ୍ଗେ ସଙ୍ଗେ ଭାରତ ସମେତ ବିଭିନ୍ନ ଦେଶରେ ଏହାର ବ୍ୟବହାର ଆରମ୍ଭ ହୋଇଯାଇଛି । ବିଭିନ୍ନ ରୋଗରେ ଆଣ୍ଟିବଡିର ବ୍ୟବହାର ନୁଆ କଥା ନୁହେଁ । କୃତ୍ରିମ ଉପାୟରେ ନିଜ କିମ୍ବା ବିଭିନ୍ନ ପ୍ରାଣଙ୍କ ଦେହରେ ରୋଗ ପ୍ରତିରୋଧକ ଇମ୍ୟୁନଗ୍ଲୋବିନ ସୃଷ୍ଟିକରି ବୈଜ୍ଞାନିକ ମାନେ ବିଭିନ୍ନ ରୋଗକୁ ଆୟତ କରିବାକୁ ଚେଷ୍ଟା ବହୁକାଳରୁ କରି ଆସୁଛନ୍ତି । କିଛି ମାସ ତଳେ ଭଲ ହେଉଥିବା ରୋଗୀର ପ୍ଲାଜମାକୁ ବ୍ୟବହାର କରି ରୋଗ ଚିକିତ୍ସା ଚେଷ୍ଟା କରାଯାଇଥିଲା ଓ କିଛିଟା ସଫଳତା ମଧ୍ୟ ମିଳିଥିଲା । ଏହି ଆଣ୍ଟିବଡି ରୋଗ ସୃଷ୍ଟିକାରୀ ଜୀବାଣୁ ବା ଭାଇରସ, ଯାହାକୁ ଆମେ ଆଣ୍ଟିଜେନ କହୁ, ତା ସହିତ ମିଶି ତାକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ କିମ୍ବା ତାର କାର୍ଯ୍ୟକାରିତାରେ ବାଧା ସୃଷ୍ଟିକରେ । ଏହି ଆଣ୍ଟିବଡି ପ୍ରୋଟିନ ଭାଇରସର ଗୋଟିଏ (Mono) ଅଂଶ (Spike) ସହ ମିଶି ନିଷ୍କ୍ରିୟ କରିବାରୁ ନାମ ମନୋକ୍ଲୋନାଲ ହୋଇଛି । ସାରକ-କୋଭ-Sarac-Cov-2 ଗେନମେନ (Genom) କୋଡର ଚାରିଟି ପ୍ରୋଟିନ ଅଛି । ଏସ (S) ବା ସ୍ପାଇକ, ଏନଭେଲପ ବା (E), ମେମ୍ବ୍ରନ ବା(M), ନିୟୁକ୍ଲିଓ କାପସିଡ ବା(N) । ଏହି ଅଣ୍ଟିଜେନ ଶରୀର କୋଷର ଆଞ୍ଜିଓଟେନସିନ-କନଭର୍ଟିଙ୍ଗ ଏଞ୍ଜାଇମ-୨ ସହ ରେସେପ୍ଟର ବାଇଣ୍ଡିଙ୍ଗ ଡମେନ RBD ଦ୍ୱାରା ରୋଗୀର କୋଷ ସହ ଭାଇରସର ସଂଯୋଗ ବା ବାଇଣ୍ଡିଙ୍ଗ କରି କୋଭିଡ ରୋଗ ସୃଷ୍ଟି କରେ । ମନୋକ୍ଲୋନାଲ ଆଣ୍ଟିବଡି ଭାଇରସର ସ୍ପାଇକରେ କାର୍ଯ୍ୟ କରି ବ୍ୟକ୍ତି କୋଷ ସହ Fusionରେ ବାଧା ସୃଷ୍ଟି କରି ରୋଗର ଅଗ୍ରଗତି ରେ ବାଧକ ହୁଏ । ବର୍ତ୍ତମାନ ତିନି ପ୍ରକାର ମନୋକ୍ଲୋନାଲ ଆଣ୍ଟିବଡି ଆମେରିକାର ଖାଦ୍ୟ ଓ ଔଷଧ ବିଭାଗ FDA ଦ୍ୱାରା ଜରୁରୀ ବ୍ୟବହାର ପାଇଁ ଅନୁମତି ଦିଆ ଯାଇଛି । ବିଦ୍ଧିବଦ୍ଧ ଭାବରେ ଏହା ଅନୁମତି ପ୍ରାପ୍ତ ଅପେକ୍ଷାରେ ଅଛି । ରୋଗର ପ୍ରଥମିକ ଅବସ୍ଥା ତଥା ଯେଉଁ ମାନେ ବିଶେଷ ଆକ୍ରାନ୍ତ ହେବାର ସମ୍ଭାବନା ମଧ୍ୟରେ ଅଛନ୍ତି (ବହୁମୂତ୍ର, ବୃକକ ରୋଗ, ଏଡସ, କାନସର, ଇମ୍ୟୁନ ସପ୍ରେସିଭ ଅବସ୍ଥା, ଅତ୍ୟଧିକ ବୟସ (୬୫ରୁ ଅଧିକ) ରକ୍ତଚାପ ଭଳି ଅବସ୍ଥାରେ ଔଷଧର ପ୍ରୟୋଗ ଦ୍ୱାରା ହସପିଟାଲାଇଜେସନକୁ ଆଡେଇ ଦିଆଯାଇପାରେ । ହସପିଟାଲରେ ଥିଲେ କିମ୍ବା ଅମ୍ଳଜାନ ଭେଣ୍ଟିଲେଟର ସହାୟରେ ଥିଲେ ଏହାର ପ୍ରୟୋଗ ମନା ହୋଇଛି । କେତେକ କ୍ଷେତ୍ରରେ ରୋଗିର ସଂସ୍ପର୍ଶରେ ଆସିଥିଲେ ଔଷଧ ପ୍ରୟୋଗ ହୋଇପାରିବ । କୋଭିଡ ନିୟନ୍ତ୍ରଣରେ ଥାଇ ଅନ୍ୟ ଜଟିଳ ରୋଗ ପାଇଁ ରୋଗୀ ହସପିଟାଲରେ ଭର୍ତ୍ତି ହୋଇଥିଲେ ଔଷଧ ପ୍ରୟୋଗ କରାଯାଇ ପାରିବ । ତିନି ପ୍ରକାର ଆଣ୍ଟିବଡି ବ୍ୟବହାର ପାଇଁ ବଜାରରେ ଉପଲବ୍ଧି ହେଉଚି: **1**-Bamlanivimab plus Etesevimab - Neutralising Anibody û ସେପ୍ଟେମ୍ବର ମାସରୁ ଆମେରିକାର ସମସ୍ତ ରାଜ୍ୟ ଓ ୟୁନିଅନ ଟେରିଟୋରୀ ରେ ଏହାର ବ୍ୟବହାର ହେଉଚି । 2-Casirvimabplus Indevimab, ଏହାକୁ ବାଇଣ୍ଡିଙ୍ଗ ଆଣ୍ଟିବଡି କୁହାଯାଉଛ । Sotrovimab: ଏହି ଆଣ୍ଟିବଡି ୨୦୦୩ ମସିହାରେ ହୋଇଥିବା କୋଭିଡ ମହାମାରିରୁ ବଞ୍ଚିଥିବା ରୋଗୀଙ୍କ ଠାରେ ଦେଖା ହୋଇଥିଲ । ଏହାକୁ Target Antibody କୁହାଯାଏ । ଏହି ଔଷଧ ଗୁଡିକ ରକ୍ତ ଶିରାରେ ସାଲାଇନ ସହ ମିଶି In-travenous Infusion ଦିଆଯିବାକୁ କୁହାଯାଉଛି । ସେ ସୁବିଧା ନଥିଲେ ସବକ୍ୟୁଟାନିସ ଇଞ୍ଜେକସନ ଆକାରରେ ଚାରି ଯାଗାରେ ଦିଆ ଯାଇପାରିବ । ରୋଗ ବହିଃ ବିଭାଗରେ ଏହା ଦିଆଯାଇ ପାରିବ । ପାର୍ଶ୍ୱ ପ୍ରତିକ୍ରୀୟା ପ୍ରାୟ କିଛି ନାହିଁ । ତଥାପି କିଛି ସମୟ ରୋଗୀକୁ ଅପେକ୍ଷା କରିବାକୁ କୁହାଯାଏ । ଏହା କରୋନା ଭାକସିନ ପ୍ରତିବଦଳ (Intrave-nous Infusion) ନୁହେଁ । ଔଷଧ ସେବନ କଲେ ମଧ୍ୟ କରୋନାର ପ୍ରତିଷେଧକର ଅନ୍ୟ ଉପାଦାନ, ଭାକସିନେସନ, ଆଇସୋଲେସନ, ଶାନିଟେସନ, ହାତ ଧୋଇବାକୁ ଆପଣାଇବାକୁ ହେବା ଔଷଧ ନେବାର ୯୦ ଦିନ ପରେ ଭାକସିନ ନିଆ ଯାଇପାରିବ । ୧୨ ବର୍ଷରୁ ଅଧିକ ଓ ଅନ୍ତତଃ ୮୦ ପାଉଣ୍ଡ ଓଜନ ହେଲେ ପିଲା ମାନେ ଏହା ବ୍ୟବହାର କରିପାରିବେ । ଗର୍ଭାବସ୍ଥାକୁ ଏକ ବିଶେଷ କାରଣ ଦର୍ଶାଯାଇ ଏହା ଦିଆ ଯାଇ ପାରିବ । କହିବାକୁ ଗଲେ ଭାକସିନ ଛଡା କରୋନା ପାଇଁ ଆମର କୌଣସି ଅସ୍ତ୍ର ନଥିଲା । ଏହି ନୂତନ ଔଷଧ ସାରା ବିଶ୍ୱରେ ନୂତନ ଆଶାର ସଞ୍ଚାର କରିଛି, ସେଥିରେ ସନ୍ଦେହ ନାହିଁ । ରୋଗର ପ୍ରାଥମିକ ଅବସ୍ଥାରୁ ଏହାର ପ୍ରୟୋଗ ଦ୍ୱାରା ହସପିଟାଲ ଭର୍ତ୍ତିହେବ । ଯନ୍ତ୍ରଣାରୁ ଅନ୍ତତଃ ରକ୍ଷା ମିଳିବ ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, (ମୋ) ୯୪୩୭୨୩୫୩୮୬


## ସଂରକ୍ଷଣର ମାୟାଜାଲ



କବି ବିପ୍ଳବ


କିଛି ଦିନ ତଳେ ସାମାଜିକ ଗଣମାଧ୍ୟମର ଗୋଟିଏ ପୋଷ୍ଟିଂ ମୋତେ ବ୍ୟଥିତ କରିଥିଲା । ଆଉ ଆଶ୍ଚର୍ଯ୍ୟ ବି । ଜଣେ ଫେସବୁକ୍ ବନ୍ଧୁ ଅଭିଯୋଗ କରିଥିଲେ ଯେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପାଇଁ କିଛି ଡାକ୍ତର ହିଁ ଦାୟୀ । ଆଉ ଅଭିଯୋଗର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ଥିଲା ସେହି ଡାକ୍ତରମାନଙ୍କୁ ଦାୟୀ କରିଥିଲେ ଯେଉଁମାନେ ସଂରକ୍ଷଣ ବ୍ୟବସ୍ଥାରେ ପାଠପଢ଼ି ଡାକ୍ତର ହୋଇଛନ୍ତି ଆଉ ଅପେକ୍ଷାକୃତ କମ୍ ଦରମାରେ ଘରୋଇ ଚିକିତ୍ସା କରୁଛନ୍ତି । ତାଙ୍କ ପୋଷ୍ଟିଂରେ ନିର୍ଦ୍ଦିଷ୍ଟ ଭାବରେ ଗୋଟିଏ ଘରୋଇ ହସ୍ପିଟାଲର ନାମ ଉଲ୍ଲେଖ କରିଥିଲେ । ଡାକ୍ତରମାନଙ୍କ ବିରୁଦ୍ଧରେ ଏଭଳି ଅଭିଯୋଗର କୌଣସି ନୂତନତା ନଥିଲେ ବି କେତେ ଦୂର ସତ୍ୟତା ରହିଛି ତାହା ବିଚାରଯୋଗ୍ୟ । ନିର୍ଦ୍ଦିଷ୍ଟ ଭାବରେ ଗୋଟିଏ ଦୁଇଟି ଡାକ୍ତର ଓ ହସ୍ପିଟାଲ୍ ବିରୁଦ୍ଧରେ ତାଙ୍କର ଅଭିଯୋଗ ସ୍ପଷ୍ଟ କରିଥିଲେ ବି ପ୍ରକୃତରେ ତାଙ୍କର ଅଭିଯୋଗ ଆମ ଦେଶର ଗୋଟିଏ ବ୍ୟବସ୍ଥା ବିରୁଦ୍ଧରେ ଥିଲା । ତାହା ହେଉଛି ସଂରକ୍ଷଣ ବ୍ୟବସ୍ଥା ।

ପ୍ରାକ୍ ସ୍ୱାଧୀନତା କାଳରେ ଲୋକମାନଙ୍କ ମଧ୍ୟରେ ସାମାଜିକ, ଆର୍ଥିକ ଓ ଜାତିଗତ ବିଭେଦ ତାହାର କାୟା ବିସ୍ତାର କରିଥିଲା । ବୋଧ ହୁଏ ତାକୁ ଦୃଷ୍ଟିରେ ରଖି ସମ୍ବିଧାନରେ ସେଇ ଅନୁସୂଚୀତ ଜାତି, ଜନଜାତି ଆଉ ଆର୍ଥିକ ଅନଗ୍ରସର ଲୋକାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସଂରକ୍ଷଣ ବ୍ୟବସ୍ଥାର ପରିକଳ୍ପନା କରାଯାଇଥିଲା । ଲକ୍ଷ୍ୟ ଥିଲା ସେମାନେ ଶିକ୍ଷା ଓ ଚାକିରି କ୍ଷେତ୍ରରେ ସାମାନ୍ୟ କୋହଳ ପାଇଲେ ଆଗକୁ ଯାଇପାରି ଅନ୍ୟମାନଙ୍କ ସହ ନିଜକୁ ସମାନ ମଣିପାରିବେ । ନିଜ ନିଜ ଭିତରେ ଥିବା ବିଭେଦତା ଦୂର କରିପାରିବେ । ମାତ୍ର ପ୍ରାକ୍ ସ୍ୱାଧୀନତା କାଳରେ କୋହ୍ଲପୁରର ମହାରାଜା ସହୁ ପ୍ରଥମେ ଏହି ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ । ଏହା ୧୯୦୨ ମସିହା କଥା । ସେତେବେଳେ ବ୍ରାହ୍ମଣମାନଙ୍କର ଆଧିପତ୍ୟ ସମାଜରେ ବହୁତ ରହିଥିଲା ଏବଂ ବ୍ରାହ୍ମଣମାନେ ଦେବତା ଭଳି ପୂଜା ପାଉଥିଲେ । ତାକୁ ହୃଦୟଙ୍ଗମ କରି ବ୍ରାହ୍ମଣଭିନ୍ନ ଅନ୍ୟଜାତିର ପିଲାମାନଙ୍କ ପାଇଁ ସେ ମାଗଣା ଶିକ୍ଷା ସହିତ ହଷ୍ଟେଲ ବ୍ୟବସ୍ଥା କରିଥିଲେ । ଏପରିକି ବ୍ରିଟିଶ ସରକାର ମଧ୍ୟ ୧୯୦୯ମସିହାରେ କେତେକ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରି ଭାରତୀୟ ମୁସଲମାନ, ଶିଖ୍ ଆଉ ଖ୍ରୀଷ୍ଟିଆନମାନଙ୍କୁ ସୁବିଧା ସୁଯୋଗ ଦେଇଥିଲେ । ଯାହାକୁ ପରେ ମହାତ୍ମାଗାନ୍ଧୀ ବିରୋଧ କରିଥିଲେ । ମାତ୍ର ସ୍ୱାଧୀନତା ପରବର୍ତ୍ତୀ କାଳରେ Schudle Cast, Schudle tribe ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଗଲା । ପରବର୍ତ୍ତୀ କାଳରେ ୧୯୫୪ ମସିହାରେ ଶିକ୍ଷା ମନ୍ତ୍ରଣାଳୟ ଏସ.ସି ଆଉ ଏସ୍.ଟି ମାନଙ୍କ ପାଇଁ ଶିକ୍ଷାକ୍ଷେତ୍ରରେ ୨୦ ପ୍ରତିଶତ ସଂରକ୍ଷଣ ପାଇଁ ପ୍ରସ୍ତାବ ଦେଲେ । ସାଧାରଣବର୍ଗର ପିଲାମାନଙ୍କ ଠାରୁ ସେମାନେ ୫ପ୍ରତିଶତ କମ୍ ନମ୍ବର ରଖିଥିଲେ ବି ଉଚ୍ଚ ଶିକ୍ଷାକ୍ଷେତ୍ରରେ ସେମାନେ ଅଗ୍ରାଧିକାର ବ୍ୟବସ୍ଥା କରାଗଲା । ମାତ୍ର ୧୯୭୯ ମସିହାରେ ମଣ୍ଡଳ କମିଶନ ସାମାଜିକ ଓ ଅର୍ଥିକ ପଛୁଆବର୍ଗ (ଓ.ବି.ସି) ପାଇଁ ଚାକିରି କ୍ଷେତ୍ରରେ ୨୭ପ୍ରତିଶତ ସଂରକ୍ଷଣ ପାଇଁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ଓ.ବି.ସି ବର୍ଗମାନଙ୍କ ପାଇଁ ୨୦୧୯ ମସିହାରେ ବର୍ତ୍ତମାନର ମୋଦୀ ସରକାର ସରକାରୀ ଶିକ୍ଷା ଓ ଚାକିରି କ୍ଷେତ୍ରରେ ୧୦ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି । ମାତ୍ର ଏଇ ସଂରକ୍ଷଣ ବ୍ୟବସ୍ଥା ଏବେ ତୁଷ୍ଟିକରଣ ନୀତିରେ ପରିଣତ ହୋଇ ମୂଳ ଲକ୍ଷ୍ୟ ଠାରୁ ଦୂରେଇ ଯିବାର ଦେଖାଯାଇଛି । ରାଜନୈତିକ ନେତାମାନେ ଭୋଟ ବ୍ୟାଙ୍କ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହାକୁ ଅସ୍ତ୍ର ଭାବରେ ବ୍ୟବହାର କରୁଛନ୍ତି । ସେଥି ପାଇଁ ସୁପ୍ରିମକୋର୍ଟ ୧୯୯୨ ମସିହାରେ ତାଙ୍କ ରାୟରେ କହିଥିଲେ ଯେ ଏହି ସଂରକ୍ଷଣ ବ୍ୟବସ୍ଥା କୌଣସି କ୍ଷେତ୍ରରେ ୫୦ପ୍ରତିଶତରୁ ଯେମିତି ଅଧିକ ନହୁଏ ।

ସଂରକ୍ଷିତ ବର୍ଗଙ୍କ ମୁଖ୍ୟ ସ୍ରୋତରେ ମିଶିଲା ପରେ ପରିସ୍ଥିତିକୁ ଲକ୍ଷ୍ୟ କରାଯାଇ ଏ ବ୍ୟବସ୍ଥା ଉଚ୍ଛେଦ କରାଯାଇ ପାରିଥାନ୍ତା । ମାତ୍ର ବିଲେଇ ବେକରେ କିଏ ଘଣ୍ଟିବାନ୍ଧିବା ନ୍ୟାୟରେ ଏହି ବ୍ୟବସ୍ଥା ଉଚ୍ଛେଦ ହେବା ପରିବର୍ତ୍ତେ ତା'ର କାୟା ବିସ୍ତାର କରି ଚାଲିଛି । ଆଜି ଯାଏଁ କୌଣସି ରାଜନୈତିକ ଦଳ କି ଦଳର ନେତା ଏ ବିଷୟରେ ପଦଟିଏ ବି ପାଟି ଫିଟାଇ ନାହାଁନ୍ତି । ଯଦିଓ ସଂରକ୍ଷଣ ବ୍ୟବସ୍ଥାର ସପକ୍ଷ ଓ ବିପକ୍ଷକୁ ନେଇ ବେଳେ ବେଳେ ସଂଗୀନ ପରିସ୍ଥିତ ସୃଷ୍ଟି ହୋଇଛି । ୨୦୦୮ ଓ ୨୦୧୦ରେ ରାଜସ୍ଥାନର ଗୁଜର ସଂପ୍ରଦାୟର ଲୋକେ ସଂରକ୍ଷଣ ଦାବି କରି ସମଗ୍ର ରାଜ୍ୟରେ ରେଳରୋକ କରିଥିଲେ । ପରିଣାମ ସ୍ୱରୂପ ପୋଲିସ ସହ ତାଙ୍କର ସଂଘର୍ଷ ଘଟି ୩୭ଜଣ ପ୍ରାଣ ହରାଇଥିଲେ । ଏପରିକି ଗୁଜୁରାଟର ଜାଠ୍ ସଂପ୍ରଦାୟର ଲୋକେ ଓ.ବି.ସି ବର୍ଗରେ ସାମିଲ ହେବା ପାଇଁ ୨୦୧୬ରେ ଆନ୍ଦୋଳନ କରିଥିଲେ । ସେମାନଙ୍କ ଆନ୍ଦୋଳନରେ ୩୪ହଜାର କୋଟି ଟଙ୍କାର ଜାତୀୟ ସମ୍ପତ୍ତି ନଷ୍ଟ ହୋଇଥିଲା ଓ ୩୦ଜଣ ଲୋକ ପ୍ରାଣ ହରାଇଥିଲେ । କେବଳ ଏତିକି ନୁହେଁ- ଦେଶର ବିଭିନ୍ନ ଅଞ୍ଚଳରେ ଏବେ ବି ସଂରକ୍ଷଣ ଦାବୀରେ ବିଭିନ୍ନ ଆନ୍ଦୋଳନ ମୁଣ୍ଡ ଟେକିଛି । ଜାତି ଭିତ୍ତିକ ଜନଗଣନା ପାଇଁ କେତୋଟି- ରାଜନୈତିକ ଦଳ ଜିଦ୍ ଧରି ବସିଛନ୍ତି । ଏହାର ମୁଖ୍ୟ କାରଣ ହେଲା ସେମାନେ ବିଭିନ୍ନ ଜାତିର ପରିସଂଖ୍ୟାନ ଜାଣି ଜାତି ଭିତ୍ତିକ ସଂରକ୍ଷଣ ପାଇଁ ନିକୃଷ୍ଟ ରାଜନୀତି ଆପଣେଇବେ ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)


## ଈଶ୍ୱର ଓ ଟଙ୍କା ବଳବାନ କିଏ ?



ସୁବ୍ରତ କର

୫୦୦୦ କୋଟି ଟଙ୍କାର ସମ୍ପତ୍ତି ଗୋଟାଏ ପଟେ ଆଉ ଅନ୍ୟ ପଟେ ଆରିଏନର ଜାମିନ । ଟଙ୍କା ହାରିଗଲା ନ୍ୟାୟ ଜିତିଲା ମାନେ ଈଶ୍ୱର ଜିତିଲେ । ଏହା କିଛି ନୁହଁ ଅହଙ୍କାରର ମାତଲାମି । ଅହଙ୍କାର ସମସ୍ତଙ୍କର ଅଛି ଏବଂ ରହିବ ମଧ୍ୟ କିନ୍ତୁ ସୀମା ଟପିଲେ ସେଇଠି ଈଶ୍ୱର ନାମକ ଭଦ୍ରଲୋକ ପ୍ରଥମେ ସାବଧାନ କରାନ୍ତି ତା'ପରେ କଠୋର ଦଣ୍ଡର ବ୍ୟବସ୍ଥା କରିଛନ୍ତି । ଦଣ୍ଡଟି ଏପରି ଥାଏ ସେ ଖାଲି ଦୋଷ କରିଥିବା ଲୋକଙ୍କ ବାଦ ଏଥିରେ ଯେଉଁମାନେ ସାହାବା ସହଯୋଗ କରିଥାଆନ୍ତି ସେମାନେ ମଧ୍ୟ ଈଶ୍ୱରଙ୍କ କୋପ ଦୃଷ୍ଟି ଲାଭ କରିଥାଆନ୍ତି । ଏତେସବୁ ଲେଖିବାର କାରଣ ହେଲା ଆମର ବଲିଉଡର ସମ୍ରାଟ ମାନେ ଭୁଲିଯାଆନ୍ତି ତାଙ୍କର ସବୁକିଛି ଈଶ୍ୱରଙ୍କ ହାତରେ । ଆଜି ଗ୍ଲାମାର ଦୁନିଆରେ ସମସ୍ତେ ପ୍ରଶଂସା କରୁଛନ୍ତି, ସମସ୍ତେ ବାହା ବାହା ଦେଉଛନ୍ତି, ପ୍ରତିଦିନ ଖବର କାଗଜ, ଟେଲିଭିଜନ ଏବଂ ବଡ଼ ପରଦା ମାଧ୍ୟମରେ ପ୍ରଶଂସିତ ହେଉଛନ୍ତି କିନ୍ତୁ ଭୁଲି ଯାଆନ୍ତି ସେମାନେ ଦିନେ ବୁଢ଼ା ହେବେ, ଏହି ଈଶ୍ୱର ପ୍ରାପ୍ତୀ ଚେହେରା ରହିବ ନାହିଁ, ଲୋକେ ଭୁଲି ଯିବେ ଏବଂ ଶେଷରେ ମୃତ୍ୟୁ ବେଳକୁ ପାଖରେ କେହି ରହିବେ ନାହିଁ । ଦୁଃଖର କଥା ଯେଉଁମାନେ ମୃତ ଦେହ ସହିତ ଯିବେ ସବୁ ଲୋକ ଦେଖାଣିଆ ଏବଂ ଆନ୍ତରିକତାର ବହୁତ ଅଭାବ ଥାଏ । ଆପଣ କଣ ମରିଲା ବେଳକୁ ୫୦୦୦ କୋଟି ଟଙ୍କା ସାଙ୍ଗରେ ନେଇ ଯିବେ ? ଶେଷରେ ଆରିଆନ ଭଳି ପୁଅର ହାବୁଡ଼ରେ ପଡ଼ିବ ଏବଂ ଶେଷରେ ସେହି ଟଙ୍କା ପୁଅକୁ ବା ଝିଅକୁ ହାଜତରେ ବିତେଇବାକୁ ପଡ଼ିବ । ଆମର ବା ଦେଶର ଗର୍ବ ଥିଲା ବଲିଉଡର ଜଣେ ଅଭିନେତା ସାରା ପୃଥିବୀରେ (ହଲିଉଡ) ୨ୟ କିମ୍ବା ୩ୟ ସ୍ଥାନରେ ଅଛନ୍ତି ପଇସାରେ ପରିମାଣରେ କୁଆଡ଼େ ଗଲା ସେସ ଗର୍ବ, ଅହଂକାର ସବୁ । ଧୂଳିସାତ୍ ହୋଇଗଲା । ଏହା ଆଗରୁ ବହୁତ ଅଭିନେତାମାନେ ଏହି ଭଳି ଘଟଣାରେ ଜେଲ ଯାଇଛନ୍ତି ଏବଂ ତାଙ୍କର ମା, ବାପାମାନେ ଛଟପଟ ହେଉଥିଲେ । ସେ ସବୁ ଘଟଣାରୁ ଏବେକାର ଅଭିନେତା ବା ଅଭିନେତ୍ରୀମାନେ ଶିକ୍ଷାନେବାର ଉଚିତ ଥିଲା କିନ୍ତୁ ପୂର୍ବ ଘଟିତ ଘଟଣାକୁ ପାଶୋରି ଯିବା ବା ନିଜ ପୁଅ ଝିଅମାନଙ୍କ ପାଇଁ ସାବଧାନ ନ ହେବାଟା ବୋଧହୁଏ ଈଶ୍ୱର ସହି ପାରିଲେ ନାହିଁ । ଠିକ୍ ଅଛି, ପଛକଥା ଛାଡ଼ନ୍ତୁ ଏବେ ଏହି ଘଟଣାଟି ଏକ ଯଥେଷ୍ଟ ଦୃଷ୍ଟାନ୍ତ ମୂଳକ ହେବା ଉଚିତ ଏବଂ ମୋ ମତରେ ଏହି ଘଟଣାଟି ଖାଲି ୫୦୦୦ କୋଟି ଥିବା ଲୋକଙ୍କ ପାଇଁ ନୁହଁ ଆମ ସମସ୍ତଙ୍କ ପାଇଁ ଏକ ଦୃଷ୍ଟାନ୍ତ ହୋଇ ରହିବା ଉଚିତ । ମୁଁ କହିବି ନାହିଁ ୫୦୦୦ କୋଟି ଟଙ୍କା ଗୋଟାଏ ୨୨ବର୍ଷ ପିଲାର କ୍ୟାରିଅରକୁ ପଛକୁ ନେଇଗଲା ଏବଂ ମା, ବାପା ଟିକିଏ ଯଦି ମୂଳରୁ ସାବଧାନ ହୋଇଥାଆନ୍ତେ ଏହି ପିଲାଟିର ଜୀବନଟା ନଷ୍ଟ ହୁଅନ୍ତା ନାହିଁ । ଅବଶ୍ୟ ଏମିତି ବହୁ ଘଟଣା ଘଟେ ଘଟୁଛି ଏବଂ ଘଟିବ ମଧ୍ୟ କିନ୍ତୁ ଆମେ ଶିଘ୍ର ଭୁଲିଯିବା ।

## କବିତା କୋଣାର୍କ



### ବର୍ଷା ଆଜି ମାଟିର ପ୍ରେମିକା

ସୁବ୍ରତ କୁମାର ଜେନା

ବର୍ଷା ଆଜି ଲେଖୁଛି
ମାଟି ପାଇଁ ପ୍ରେମ କବିତା
ଠୋପା ଠୋପା ବର୍ଷା ବିନ୍ଦୁରେ
ଭରିଛି କେତେ ଆତ୍ମୀୟତା ।

ଧରା ଆଜି ହସୁଛି ଖୁସିରେ
ଆଲିଙ୍ଗନ କରି ବର୍ଷା ରାଣୀକୁ
ଢେର ଦିନ ପ୍ରତିକ୍ଷ୍ୟାର ହୋଇଛି ଅନ୍ତ
ପ୍ରେମରେ ବର୍ଷା ଭିଯାଇଛି ମାଟିର
ବୁକୁକୁ ।

ଭିଜା ଭିଜା ମାଟିର ସେ ବାସ୍ନା
ସମଅଟେ ସୁଶୀତଳ ରାତିର ଜୋଷ୍ଣା
ପୁରା କରିଦେଲା ଅତୃପ୍ତ ଆତ୍ମାର ତୃଷ୍ଣା
କି ନିଆରା ସେ ଭୂରୁ ଭୂରୁ ମାଟିର
ବାସ୍ନା ।

କାକ ଚାହିଁଥିଲା ପିକ ଚାହିଁଥିଲା
ଚାହିଁଥିଲେ ଯେତେ ତରୁବର ଗଣ
ବର୍ଷାତ ଆସିବ ବର୍ଷାତ ଆସିବ
ହସିବେ ପାହାଡ଼ ଝରଣା ବଣ ।

ନିଦାଘ ଖରାରେ ଜର୍ଜରିତ ଦେହ
ଖୋଜୁଥିଲା କାହା ନରମ ପରଶ
ବିଜୁଳି ଆଲୁଅ ଘଡ଼ ଘଡି ଶବ୍ଦେ
ଛମ ଛମ ନାଚି ଭରିଲା ମନର ଶୋଷ ।

କବିତାରେ ଲେଖା କେତେଯେ ଘଟଣା
ବନ୍ୟା ବାତ୍ୟା ଆଉ ବିଭୀଷିକା
ତଥାପି ସେ ବର୍ଷା ସବୁରି ପ୍ରିୟ
ସଦା ପ୍ରସ୍ତୁତ ପୃଥିବି କରିବାକୁ ତା
ନାୟିକା ।

ଟୁପୁରୁ ଟୁପୁରୁ ମେଘ ବରଷିଲେ
ନଈ ଗାଡ଼ିଆରେ ଭରେ ପାଣି
ମନ ଆନନ୍ଦରେ ସାରୁ ବୁଦାମୂଳେ
କେଂ କଟରରେ ନାଚଇ ବେଙ୍ଗୁଲୀ
ରାଣୀ ।

ବର୍ଷା ଆଜି ହୋଇଛି ବନ୍ଦୀ
ମତୁଆଲା କଦମ୍ବ ଗନ୍ଧରେ
ପାଦରେ ନାଇଛି ରକ୍ତିମ ଅଳତା
ରସିକ କୃଷ୍ଣଚୂଡାର ବାହୁବନ୍ଧନୀରେ ।।


+ ଶୂରଡିହ, ନନ୍ଦିପୁର, ଯାଜପୁର
(ମୋ) ୮୨୪୯୨୨୦୮୩୦


### ତୋ ପାଇଁ ବୋଲି

ଶକ୍ତିପ୍ରଦା ମହାପାତ୍ର



ଆକାଶକୁ ବିନ୍ଦୁଏ ବର୍ଷା
ବନାନୀକୁ ଟୋପାଏ ନିଶ୍ୱାସ
ମାଟିକୁ ଟିକିଏ ବାସ୍ନା
ସାଗର କୁ ଧାରେ ବିଶ୍ୱାସ
ଧାର୍ ମାଗିଲି ।
ତୁ ଆସିବୁ ବୋଲି ....

ମାଆ, ତୁ ଆସୁଛୁ ତ -
ତୋ ଆଗରେ, ପଛରେ ତୋ କାନି ଧରି
ଠରାଠରି ହୋଇ,
ହାତ ଧରାଧରି ହୋଇ-
ବାତ୍ୟା, ବାତ୍ୟା ପରେ ମହାବତ୍ୟା
ଫାଇଲିନ୍-ହୁଡ୍ ହୁଡ୍-ତିତ୍‌ଲି ହୋଇ
କେତେ ରୂପରେ, କେତେ ରଂଗରେ,
କେତେ ନାଆଁରେ ବାଆଁରେଇ ହୋଇ
ଆସୁଛନ୍ତି ଯେ ଆସୁଛନ୍ତି....
ମାଡୁଛନ୍ତି ଯେ ମାଡୁଛନ୍ତି.....
ଛେକା ଛେକା ଅଗଣିତଙ୍କର
ଜୀବନ ମିତ, କପାଳୁ ହାତ
ମୁଣ୍ଡରୁ ଛାତ, ଦି' ମୁଠା ଭାତ
ମାଆ କାଖରୁ,
କୋଡ଼ରୁ ପିଲାଙ୍କୁ ଭିଡି, ଓଟାରି
ଚଷାର ଚାଷ ଉଜାଡି,
ଭୋକିଲାର ପେଜ ହାଣ୍ଡିକୁ ଉଗାଡି
ତେଲ ବୋତଲରୁ ତେଲ
ନିଗାଡିଲା ପରି
ଜୀଇଁବାର ଶେଷ ଆଶା ଟୋପାକକୁ
ନିଗାଡି ରାବଣ ପରି ହସୁଛନ୍ତି ..?!

ଅଥଚ କିଛି ନଜାଣିଲା ପରି
ଯେ ଯାହା ଜାଗାରେ ଚୁପ୍ ଚାପ୍,
ଟୁପ ଟାପ୍ !!
ଆଗ ଭଳି ଶରତ ତ ଆସିଛି,
ଶିଶିର ଢାଳୁଛି କି
ଲୁହ ଢାଳୁଚି କିଏ ଦେଖୁଚି
ଶେଫା ଳୀ ଫୁଟିଛି...
ମହକିଛି କି ଟାହିଟାପରା
କରୁଚି ଶୁଣୁଚି !
କାଶତଣ୍ଡୀ ବି ତୋ'ଚାମର
ସେବାରେ ତ ଲାଗିଛି ...
ନଈ -ନାଳ - ସାଗର ଫୁଲିଛନ୍ତି,
ପୁଣି ଫାଟୁଛନ୍ତି
ଖୁସି ରେ ଦୁଃଖରେ କିଏ ଜାଣିଚି ?!
କିନ୍ତୁ ଗହଳି ତ ଲାଗିଚି ...
ବେଳ ବି ଗଡି ଚାଲିଚି ...
ତୋ' ପାଇଁ ବୋଲି
ତୋ...ପାଇଁ.. ବୋଲି ......!!!


(ଜି/୨, ରାଜା ବଗିଚା,
ଲେବର କଲୋନୀ, କଟକ-୯)


### ଚାଲ ସେଇଠିକି ଯିବା

ବିରଜା ନନ୍ଦ ମହାନ୍ତି

ମୋ ହାତରେ ଆଜି
ଦୋଳି ଖେଳୁଛି
ମୋ ପିଲାଦିନ,
ଆଖିରେ ନାଚୁଛି ଅବିର ବୋଳା
କୁନି ମୁହଁ ଟିଏ,
ନାକରେ ପଶି ଯାଉଛି
ବୋଉ ହାତ ରନ୍ଧା
ନେଉଟିଆ ଶାଗ ଭଜା
ବଡ଼ି ଚୁରାର ମହମହ ବାସ୍ନା,
କାନରେ ଶୁଭୁଛି,
'ଆହେ ଦୟାମୟ ବିଶ୍ୱ ବିହାରୀ'
ଛାତି ଭିତରୁ ବାହାରି ଆସୁଛି
ମଧୁ ବର୍ଣ୍ଣବୋଧର ଛୋଟ ଛୋଟ ଶବ୍ଦ,
'ଅଖ, କଳ, ଚକ, ନଖ',
ଘୁମେଇ ପଡ଼ିଛି ବାପାଙ୍କ କଣ୍ଠସ୍ୱର,
କଙ୍କି ପ୍ରଜାପତି ଆଉ ସାଧବ ବୋହୂ
ଟିକିଏ ଦୂରରେ ଉଡି ଉଡି ଚାଲି ଚାଲି
ଘୁଞ୍ଚି ଯାଆନ୍ତି ଟିକିଏ ଦୂରକୁ,
ଆଖି ଆଗରେ ରଜ ଦୋଳି
ଗଛ ପତର ଛୁଇଁଗଲାପରି
ଚାଲି ଯାଉଛି ଦୂରରୁ ଦୂରକୁ
ଭାସି ଆସୁଛି ପୋଡ ପିଠା ବାସ୍ନା,
ସାତ ତାଳ ପାଣି ତଳୁ ଉଠି ଆସୁଛି
କୁଆଁର ପୁନେଇ ଜହ୍ନ
ତୁହାଇ ତୁହାଇ ଶୁଭୁଛି,
କୁଆଁର ପୁନେଇଁ ଜହ୍ନ ଗୋ ଫୁଲ
ବଉଳ ବେଣୀ '
ଏ ସବୁ ଭିତରେ ତୁମ ମୁହଁ କାହିଁକି
କେଜାଣି
ଦିଶୁଛି ଭାରି ତୋଫା
ସଜଫୁଟା ମଲ୍ଲୀ ଫୁଲ ପରି,
ହେଇ ବୋଉ ଡାକିଲାଣି
ଚାଲ ଫେରି ଯିବା ଟିକିଏ ପଛକୁ
ତମେ ତମକୁ ଦେଖିବ
ମୁଁ ଦେଖିବି ମତେ
ଆମ ସମସ୍ତଙ୍କୁ ଦେଖିବ
ଏଇ ତୋଟାମାଳ, ବିଲ, ବନ
ନଦୀ ଓ ଆକାଶ,
କ'ଣ ଯିବ ନା ନାହିଁ ?


+ ଅଧ୍ୟାପକ, ଓଡ଼ିଆ ଭାଷା
ସାହିତ୍ୟ ବିଭାଗ,
ସାନ୍ଧ୍ୟା ମହାବିଦ୍ୟାଳୟ,
କେନ୍ଦ୍ରାପଡା
ଯୋଗାଯୋଗ- ତାଡନା,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା-
୭୫୪୨୧୫


### ତାକ୍ ଧିନା ଧିନ୍

ସାରଦା ପ୍ରସାଦ ଆଚାର୍ଯ୍ୟ

ହାରମୋନିୟମର ତାଳେ ତାଳେ,
ତବଲାରେ ହାତଚାଳେ,
ମୋ ଅଭିନୟରେ ମୁଁ ହଜେ,
ନାଟ ମାଷ୍ଟରର କଥା ମନେ ।

କେବେ କେବେ ଖୁସି,
ପୁଣି ଦୁଃଖି,
ମନେ ଆସେ ଅବସୋସ,
ରାଜା ଅଭିନୟରେ ଆଖି ।

ହେ ନିର୍ଦ୍ଦେଶକ ମହୋଦୟ,
ଦବ ଯଦି ଦିଅ ରାଜା ପୋଷାକ,
ରଙ୍କ ପୋଷାକରେ ଅଧିକ ତାତି ।

ଶୁଣ ନାଟ ମାଷ୍ଟର ଓହ୍ଲାଇନିଅ,
ରାଜା ପୋଷାକ,
ଅଣଆୟତ୍ତ ପବନରେ ଅଣନିଶ୍ୱାସୀ,
ରଙ୍କ ହେବା ପାଇଁ କରେ ମାଗୁଣି ।


+ ଯୋଡ଼ା କେନ୍ଦୁଝର
(ମୋ)୯୪୩୭୬୧୧୮୯୧

# ଜାପାନ-ଓଡ଼ିଶା ପୁଞ୍ଜିନିବେଶ ସେମିନାର

ଭୁବନେଶ୍ୱର,୧୭/୧୦ (ନି.ପ୍ର): ଜାପାନ-ଓଡ଼ିଶା ଶିଳ୍ପ ଏବଂ ବ୍ୟବସାୟିକ ସଂପର୍କ କ୍ଷେତ୍ରରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଇତି ମଧ୍ୟରେ ଜାପାନ-ଓଡ଼ିଶା ପୁଞ୍ଜିନିବେଶ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଲୋକସେବା ଭବନରୁ ଉଭୟ ଡ଼ିଜିଟାଲ୍ ଏବଂ ବାସ୍ତବ ଆକାରରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଅଧକ୍ଷତା କରି ରାଜ୍ୟ ଶିଳ୍ପ, କ୍ଷୁଦ୍ର ଅଣୁ ଓ ମଧ୍ୟମ ଉଦ୍ୟୋଗ ଏବଂ ଶକ୍ତି ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର କହିଥିଲେ ଯେ ଜାପାନ ସହ ଓଡ଼ିଶାର ବ୍ୟବସାୟିକ ସହଭାଗିତା ଆଗାମୀ ଦିନରେ ଦୃଢ଼ତର ଓ ଚିରସ୍ଥାୟୀ ହେବ। ଆଲୋଚନା ଚକ୍ରରେ ମୁଖ୍ୟତଃ ଓଡ଼ିଶାରେ ଜାପାନୀ ଶିଳ୍ପପତିମାନଙ୍କର ପୁଞ୍ଜିନିବେଶ ପାଇଁ ରହିଥିବା ସମ୍ଭାବନା ଓ ସମ୍ବଳ ବିଷୟରେ ବ୍ୟାପକ ଆଲୋଚନା ହୋଇଥିଲା । ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଓଡ଼ିଶାରେ ପୁଞ୍ଜିନିବେଶ ଏବଂ ବ୍ୟବସାୟ ଅନୁକୂଳ ବାତାବରଣ ବହୁଭାବେ ବିକଶିତ ହୋଇଛି। ବିଗତ ବର୍ଷମାନଙ୍କରେ ଆର୍ସେଲର ମିତଲ୍, ନିପନ୍ ଷ୍ଟିଲ୍ସ, ଟି.ଆର.ଏଲ୍, କ୍ରୋସାକି ଆଦି ଜାପାନୀ ଶିଳ୍ପ ସଂସ୍ଥାମାନେ ଓଡ଼ିଶାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଅନୁମୋଦିତ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକୁ ସକ୍ରିୟ ସହଯୋଗ ଯୋଗାଇବା ନିମନ୍ତେ ରାଜ୍ୟ ପ୍ରଶାସନ ସଦା ପ୍ରସ୍ତୁତ ଅଛି । ରାଜ୍ୟରୁ ବ୍ଲକ ଓ ତହସିଲ ସ୍ତର ପର୍ଯ୍ୟନ୍ତ ସରକାରୀ ଅଧିକାରୀମାନେ ବିକାଶ ଓ ଅଭିବୃଦ୍ଧିର ସହାୟକ ଭାବେ କାର୍ଯ୍ୟ କରୁଛନ୍ତି । ଜାପାନର ପୁଞ୍ଜିନିବେଶକାରୀମାନଙ୍କୁ ପ୍ରକଳ୍ପ ପ୍ରସ୍ତାବ ଅନୁମୋଦନଠାରୁ ଆରମ୍ଭ କରି ଶିଳ୍ପ ପ୍ରତିଷ୍ଠା, ଅବ୍ୟାହତ ଉତ୍ପାଦନ ଓ ବିପଣୀ ନିମନ୍ତେ ସବୁ ପ୍ରକାରର ସହଯୋଗ ନିଶ୍ଚିତ କରାଯିବ ବୋଲି ଶ୍ରୀ ମହାପାତ୍ର କହିଥିଲେ । ଭାରତର ବୈଦେଶିକ ଶାସନ ସଚିବ ହର୍ଷବର୍ଦ୍ଧନ ସିଂଗଲା କହିଥିଲେ ଯେ ଓଡ଼ିଶାରେ ଜାପାନୀ ପୁଞ୍ଜିନିବେଶ ପାଇଁ ବ୍ୟାପକ ସୁଯୋଗ ରହିଛି । ବ୍ୟାପକ ଶିଳ୍ପଭିତିଭୂମି, ରାଜନୈତିକ ଇଚ୍ଛାଶକ୍ତି, ଏକ ସକ୍ରିୟ ପ୍ରଶାସନିକ ବ୍ୟବସ୍ଥା ଏବଂ ପର୍ଯ୍ୟାପ୍ତ ପ୍ରାକୃତିକ ସମ୍ବଳ ଓଡ଼ିଶାରେ ଶିଳ୍ପକରଣକୁ ତ୍ୱରାନ୍ୱିତ କରିଛି । ଓଡ଼ିଶାରେ ଜାପାନୀ ପୁଞ୍ଜିନିବେଶ ପାଇଁ ଭାରତ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯିବ।

ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ଜଣାଇଥିଲେ ଯେ ଶିଳ୍ପ ଏବଂ ବିଭିନ୍ନ ପ୍ରକାର ସେବା ଯୋଗାଣ ଓଡ଼ିଶା ଆର୍ଥିକ ବ୍ୟବସ୍ଥାର ପ୍ରମୁଖ ଅଙ୍ଗ। ଏହି ଦୁଇକ୍ଷେତ୍ର ମିଳିତ ଭାବେ ସମୁଦାୟ ଘରୋଇ ଉତ୍ପାଦନର ପ୍ରାୟ ୮୦% ଭାଗ ଗଠନ କରନ୍ତି । ଇସ୍ପାତ, ଇସ୍ପାତ-ପ୍ରକ୍ରିୟାକରଣ, ଆଲୁମୁନିଅମ୍, ଆଲୁମୁନିଅମ୍-ପ୍ରକ୍ରିୟାକରଣ, ରାସାୟନ, ପେଟ୍ରୋକେମିକାଲ୍ସ, ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ବୈଦୁତିକ ଯନ୍ତ୍ରପାତି ଓ ଉପକରଣ ଏବଂ ମଟରଯାନ ଉତ୍ପାଦନ ଆଦି କ୍ଷେତ୍ରରେ ଜାପାନୀ ପୁଞ୍ଜିନିବେଶର ସୁଯୋଗ ରହିଛି । ଓଡ଼ିଶାରେ ଏକକ ବାତାୟନ, ଗୋ-ସ୍ୱିଫ୍ଟ ପୋର୍ଟାଲ୍ ଏବଂ ଅନ୍ଲାଇନ୍ ପୋର୍ଟାଲ୍ ମାଧ୍ୟମରେ ପୁଞ୍ଜିନିବେଶ ପ୍ରସ୍ତାବ ଦାଖଲ, ଅନୁମୋଦନ, ବିଭିନ୍ନ ପ୍ରକାର ଆଇନଗତ ଅନୁମତି, କ୍ଷମତାପତ୍ର, ଶିଳ୍ପ ପ୍ରତିଷ୍ଠା, ଉତ୍ପାଦନ, ପରିବହନ ଓ ବିପଣୀ ନିମନ୍ତେ ଯୋଗାଇ ଦିଆଯାଉଥିବା ସହଯୋଗ ବିଷୟରେ ଶ୍ରୀ ଶର୍ମା ସବିଶେଷ ସୂଚନା ଦେଇଥିଲେ ।

ଭାରତରେ ଜାପାନର ରାଷ୍ଟ୍ରଦୂତ ସତୋସି ସୁଜୁକୀଙ୍କ ନେତୃତ୍ୱରେ ଜାପାନର ଉଦ୍ୟୋଗପତିମାନେ ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ । ବର୍ତ୍ତମାନ ଓଡ଼ିଶାରେ ସୃଷ୍ଟି ହୋଇଥିବା ନୂଆ ଶିଳ୍ପ ଓ ବ୍ୟବସାୟିକ ବାତାବରଣ ଜାପାନୀ ପୁଞ୍ଜିନିବେଶକୁ ସଫଳ କରିବାରେ ଅନେକ ସହାୟକ ହେବ ବୋଲି ଶ୍ରୀ ସୁଜୁକୀ କହିଥିଲେ । ବିଭିନ୍ନ ସଂସ୍ଥାର ଶିଳ୍ପଦ୍ୟୋଗୀମାନେ ମୁଖ୍ୟତଃ ଓଡ଼ିଶାର ଶିଳ୍ପ ଭିତିଭୂମି, ଶାନ୍ତିପୂର୍ଣ୍ଣ ଶିଳ୍ପୀକରଣ ପ୍ରକ୍ରିୟା, ଏକକ-ବାତାୟନ ବ୍ୟବସ୍ଥା, ସହଯୋଗୀ ପ୍ରଶାସନିକ ବ୍ୟବସ୍ଥା, ରାଜନୈତିକ ସ୍ଥିରତା, କୁଶଳୀ ମାନବ ସମ୍ବଳ, କମ୍ ଖର୍ଚ୍ଚରେ ଗୁଣାତ୍ମକ ଉତ୍ପାଦନ ସୁବିଧା, ବନ୍ଦର, ରେଳ, ରାଜପଥ ଏବଂ ବିମାନ ଯୋଗାଯୋଗ ଆଦିର ଉଚ୍ଚ ପ୍ରଶଂସା କରିଥିଲେ । ଜାପାନର ପ୍ରାୟ ୧୦ ଜଣ ବଡ଼ ବଡ଼ ଶିଳ୍ପପତି ଏହି ଆଲୋଚନାଚକ୍ରରେ ଯୋଗଦେଇ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ସହ ସିଧା ସଳଖ ଆଲୋଚନା କରିଥିଲେ ।

ଇପିକଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭୁପେନ୍ଦ୍ର ସିଂ ପୁନିଆ ସମୁଦାୟ ଆଲୋଚନା ଚକ୍ରର ସଂଯୋଜନା କରିଥିଲେ । ଶିଳ୍ପାନ୍ୱୟନ ସହ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ ।

# ଭୁବନେଶ୍ୱରରୁ ରାଜସ୍ଥାନ ଓ ଗୋଆକୁ ଉଡ଼ିବ ବିମାନ




ଭୁବନେଶ୍ୱର ,୧୭/୧୦ (ନି.ପ୍ର): ଭୁବନେଶ୍ୱରରୁ ରାଜସ୍ଥାନର ଜୟପୁରକୁ ସିଧାସଳଖ ଉଡ଼ିବ ବିମାନ। ଆସନ୍ତା ନଭେମ୍ବର ୨ ତାରିଖରୁ ଏହି ବିମାନ ସେବା ଆରମ୍ଭ ହେବ। ଇଣ୍ଡିଗୋ ପକ୍ଷରୁ ଏହି ସେବା ଯୋଗାଇ ଦିଆଯିବ। ଗତ ସେପ୍ଟେମ୍ବର ୧୭ରେ ଏ ସମ୍ପର୍କରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଚିଠି ଲେଖିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହାର ପ୍ରତ୍ୟୁତ୍ତରରେ ସିନ୍ଧିଆ ଉଲ୍ଲେଖ କରିଛନ୍ତି ଯେ, ନଭେମ୍ବର ୨ରୁ ଗୋଲାପି ସହର ଜୟପୁରକୁ ସିଧାସଳଖ ବିମାନ ଉଡ଼ିବ। ସପ୍ତାହରେ ୩ଥର ଏହି ବିମାନ ଚଳାଚଳ କରିବ। ଏହି ବିମାନ ସେବା ଆରମ୍ଭ ହେବା ଦ୍ୱାରା ମନ୍ଦିରମାଳିନୀ ଭୁବନେଶ୍ୱର ଏବଂ ଗୋଲାପି ସହର ଜୟପୁର ମଧ୍ୟରେ ବିମାନ ସେବାର ଯାତ୍ରୀଙ୍କୁ ସୁବିଧା ପ୍ରଦାନ କରିବ। ଏହାସହ ଉଭୟ ରାଜ୍ୟର ଅର୍ଥନୀତିକୁ ମଧ୍ୟ ମଜଭୁତ୍ କରିବାରେ ସହାୟକ ହେବ ବୋଲି ସିନ୍ଧିଆ ଚିଠିରେ ଉଲ୍ଲେଖ କରିଛନ୍ତି । ସେହିଭଳି ଗୋଆକୁ ମଧ୍ୟ ରାଜଧାନୀ ଭୁବନେଶ୍ୱରରୁ ଉଡ଼ିବ ବିମାନ। ଡିସେମ୍ବର ୧ତାରିଖରୁ ଦୈନିକ ଗୋଆକୁ ବିମାନ ଯାତ୍ରା ସୁବିଧା ମିଳିବ। ନିଶ୍ଚିତ ଭାବେ ଏହି ବିମାନ ସେବା ଆରମ୍ଭ ହେବା ଦ୍ୱାରା ଟୁରିଜିମ କ୍ଷେତ୍ରରେ ବିକାଶ ହେବ ବୋଲି ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ବେହେରା କହିଛନ୍ତି। ସେପଟେ ପର୍ଯ୍ୟଟକଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରୁ ରାଜସ୍ଥାନର ଜୟପୁରକୁ ବିମାନ ସେବା ଦୈନିକ କରାଯିବ ବୋଲି କହିଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା।

# ସର୍ଭିଲାନ୍ସ ଟିମ୍ ନଜରରେ ରହିବେ ସ୍କୁଲ ପିଲା

ଭୁବନେଶ୍ୱର ,୧୭/୧୦ (ନି.ପ୍ର): କରୋନା କଟକଣା ଭିତରେ ପାଖାପାଖି ଦୁଇ ବର୍ଷ ଧରି ବନ୍ଦ ପଡିଥିବା ସ୍କୁଲ ଖୋଲିବ। ଆରମ୍ଭ ହେବ ଯୁକ୍ତ ୨ ପ୍ରଥମ ବର୍ଷ ଏବଂ ଅଷ୍ଟମ ଶ୍ରେଣୀ କ୍ଲସ୍। ଏଥର ଆଫ୍‌ଲାଇନ୍ ନୁହେଁ ସ୍କୁଲ ଯାଇ ପିଲା ପାଠ ପଢ଼ିବେ । ଗୋଟିଏ ପଟେ ରାଜ୍ୟରେ କରୋନା ସଂକ୍ରମଣ ସଂଖ୍ୟା ଟଳମଳ ସ୍ଥିତିରେ ଥିବା ବେଳେ ସ୍କୁଲ ଖୋଲି ପିଲାଙ୍କୁ ପାଠପଢ଼ାଇବା ସରକାରଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହେବ। ଏଭଳି ସ୍ଥିତିରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, ସ୍କୁଲ ଖୋଲିବା ପରେ ସର୍ଭିଲାନ୍ସ ଟିମ୍ ନଜରରେ ସ୍କୁଲ ପିଲା ରହିବେ। ସ୍କୁଲ ଖୋଲିବା ପରେ ଲକ୍ଷଣ ଥିବା ପିଲାଙ୍କ ଟେଷ୍ଟିଂ ହେବ। ସ୍କୁଲ ପିଲାଙ୍କୁ ମନିଟରିଂ କରାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ସେପଟେ ପୂଜାରେ କେତେ ସଂକ୍ରମଣ ବଢ଼ିଛି ଜାଣିବାକୁ ୭ରୁ ୧୦ ଦିନ ଲାଗିବ। ସର୍ଭିଲାନ୍ସ ଚାଲିଛି, କେତେ ସଂକ୍ରମଣ ବଢ଼ିଛି ଧୀରେ ଧୀରେ ଜଣାପଡ଼ିବ। ସ୍କୁଲ ଖୋଲିବା ପରେ ଗଣଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ମନିଟରିଂ କରିବେ। ପିଲାଙ୍କ ଲକ୍ଷଣ ଓ ଶିକ୍ଷକ ଟିକା ନେଇଛନ୍ତି କି ନାହିଁ ତାହା ଅନୁଧ୍ୟାନ କରାଯିବ। ଏନେଇ ଡିଏମ୍‌ଇଟି ସିବିକେ ମହାନ୍ତି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ବଡ଼ଙ୍କ ଠାରୁ ଛୁଆଙ୍କୁ ସଂକ୍ରମଣ ହେବାର ସମ୍ଭାବନା ରହିଛି। ତେଣୁ ଶିକ୍ଷକ ଓ ଅଭିଭାବକମାନେ ଟିକା ନେଇଯିବା ଜରୁରୀ। ଯଦି କେହି ଗୋଟିଏ ଟିକା ନେଇଛନ୍ତି ତେବେ ତୁରନ୍ତ ତାଙ୍କୁ ଡବଲ ଡୋଜ ଦେବାକୁ ଯୋଜନା କରାଯିବ। ସ୍କୁଲରେ ଖୋଳକୁଦରେ ମାତି ପିଲାମାନେ ସାମାଜିକ ଦୂରତା ପାଳନ ପ୍ରତି ଅଣଦେଖା କରିପାରନ୍ତି। ଏଥିପ୍ରତି ଶିକ୍ଷକମାନେ ହିଁ ଦୃଷ୍ଟି ଦେବା ଆବଶ୍ୟକ। ସମସ୍ତେ ସଚେତନ ହେବା ସହ ପିଲାଙ୍କୁ ସଚେତନ କରିବା ଜରୁରୀ। ଏଥିସହ ଅଭିଭାବକମାନେ ବି ସ୍କୁଲ ଯାଇ ମନିଟରିଂ କରନ୍ତୁ।

# ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ନିଯୁକ୍ତ

ଭୁବନେଶ୍ୱର,୧୭/୧୦ (ନି.ପ୍ର): ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଭାପତି ନିରଜ କୁନ୍ଦନ ଭୁବନେଶ୍ୱର ଛାତ୍ର କଂଗ୍ରେସ ସଭାପତି ଭାବରେ ଜଗଦିଶ ଗଜେନ୍ଦ୍ର, ମଧ୍ୟ ଭୁବନେଶ୍ୱର ଛାତ୍ର କଂଗ୍ରେସ ସଭାପତି ଭାବରେ ଅବଦୁଲ ସାହରୁଖ ଖାନ, ଏକାମ୍ର ଭୁବନେଶ୍ୱରର ଛାତ୍ର କଂଗ୍ରେସ ସଭାପତି ଭାବରେ ନିୟାଜୁଲ ଇସଲାମ ତଥା ଉତର ଭୁବନେଶ୍ୱର ଛାତ୍ର କଂଗ୍ରେସ ସଭାପତି ଭାବରେ ଉଦିତ୍ ପ୍ରଧାନଙ୍କ ନାମକୁ ଅନୁମୋଦନ ଦେଇଛନ୍ତି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଓ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷା ଉକ୍ତ ଛାତ୍ର ନେତାଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି।

# ଜିଲ୍ଲା ପରିଷଦ ଅଧ୍ୟକ୍ଷ ସଂରକ୍ଷଣ ନେଇ ବିଜ୍ଞପ୍ତି : ପଛୁଆ ବର୍ଗଙ୍କ ପାଇଁ ୪ ଜିଲ୍ଲା

ଭୁବନେଶ୍ୱର,୧୭/୧୦ (ନି.ପ୍ର): ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ସଂରକ୍ଷଣ ନେଇ ଶନିବାର ଦିନ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। ୩୦ ଜିଲ୍ଲା ମଧ୍ୟରୁ ପଛୁଆବର୍ଗଙ୍କ ପାଇଁ ୪ ଜିଲ୍ଲା ଅଧ୍ୟକ୍ଷ ପଦ ସଂରକ୍ଷିତ ରହିଛି। ସେହି ଜିଲ୍ଲା ଗୁଡ଼ିକ ହେଲା ଅନୁଗୋଳ, କେନ୍ଦୁଝର, ଖୋର୍ଦ୍ଧା ଓ ଗଜପତି।
ସେହିପରି ୧୨ ଜିଲ୍ଲା ପାଇଁ ଅଧ୍ୟକ୍ଷ ପଦ ଅଣ ସଂରକ୍ଷିତ ରହିଥିବା ଚିଠା ବିଜ୍ଞପ୍ତିରେ ପ୍ରକାଶ ପାଇଛି। ସେହି ଜିଲ୍ଲା ଗୁଡ଼ିକ ହେଲା- କଳାହାଣ୍ଡି, କେନ୍ଦ୍ରାପଡ଼ା, ଗଂଜାମ, ଝାରସୁଗୁଡ଼ା, ଢେଙ୍କାନାଳ, ଦେବଗଡ଼, ନୂଆପଡ଼ା, ପୁରୀ, ବରଗଡ଼, ବଲାଙ୍ଗିର, ବୌଦ୍ଧ ଓ ସମ୍ବଲପୁର। ଏହି ଜିଲ୍ଲାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ଅଣସଂରକ୍ଷିତ ରହିବ। କଟକ, ଜଗତସିଂହପୁର, ଯାଜପୁର ଓ ଭଦ୍ରକ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରହିବ। କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ନୟାଗଡ଼, ବାଲେଶ୍ୱର, ମୟୂରଭଞ୍ଜ, ମାଲକାନଗିରି, ରାୟଗଡ଼ା, ସୁନ୍ଦରଗଡ଼ ଓ ସୋନପୁର ଜିଲ୍ଲା ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି।

# ନଭେମ୍ବର ୧୪ରୁ ଜାତୀୟ ସମବାୟ ସପ୍ତାହ

ଭୁବନେଶ୍ୱର,୧୭/୧୦ (ନି.ପ୍ର): ନଭେମ୍ବର ୧୪ରୁ ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ୬୮ତମ ଜାତୀୟ ସମବାୟ ସପ୍ତାହ ପାଳନ କରାଯିବ। ଏହା ପୂର୍ବରୁ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ୍ ଆନୁକୂଲ୍ୟରେ ଭର୍ଚୁଆଲ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଦେଶର ଅର୍ଥନୀତିରେ ସମବାୟ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାବେଳେ ସମବାୟ କ୍ଷେତ୍ରରେ ହାସଲ ହୋଇଥିବା ସଫଳତାର ବାର୍ତ୍ତା ସାଧାରଣ ଜନତାଙ୍କ ନିକଟରେ ପହଂଚାଇବା ଜାତୀୟ ସମବାୟ ସପ୍ତାହ ପାଳନର ଲକ୍ଷ୍ୟ ହେବା ଉଚିତ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ,ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥିରେ ଅଧକ୍ଷତା କରି କହିଛନ୍ତି। ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ସମବାୟ ସପ୍ତାହ ପାଳନ ଅବସରରେ ଆୟୋଜିତ ଆଲୋଚନା ଚକ୍ରରେ ସମବାୟ କ୍ଷେତ୍ର ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନ ଓ ଏହାର ମୁକାବିଲା ସଂପର୍କରେ ସମବାୟବିତ୍ ଓ ବିଶେଷଜ୍ଞମାନଙ୍କ ଦ୍ୱାରା ବିଶଦ ଭାବରେ ଆଲୋଚନା କରାଯାଇ ସମବାୟ କ୍ଷେତ୍ରର ଉନ୍ନତି ନିମନ୍ତେ ଏକ ରୋଡ଼୍‌ମ୍ୟାପ୍ ପ୍ରସ୍ତୁତ କରାଯିବ । ଏଥି ସହିତ ଆର୍ଥିକ ଅନଗ୍ରସର ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ସମବାୟ କ୍ଷେତ୍ର ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛି ସେସବୁକୁ ଲୋକଙ୍କୁ ଅବଗତ କରାଇବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଚଳିତ ବର୍ଷ ସମବାୟ ସପ୍ତାହ ଭର୍ଚୁଆଲ ମାଧ୍ୟମରେ ପାଳନ କରାଯିବ। ନଭେମ୍ବର ୧୪ ତାରିଖ ପୂର୍ବାହ୍ଣରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ୍ କାର୍ଯ୍ୟାଳୟ ପରିସରରେ ସମବାୟ ପତାକା ଉତୋଳନ କରି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦ୍‌ଘାଟନ କରିବେ। ଏହି ଅବସରରେ ରାଜ୍ୟସ୍ତରୀୟ ୱେବିନାର ଆୟୋଜନ ସହିତ ଡିଭିଜନ୍ ସ୍ତରରେ ମଧ୍ୟ ୱେବିନାର ଅନୁଷ୍ଠିତ ହେବ । ଏଥି ସହିତ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ୍‌ର ମୁଖପତ୍ର ‘ସମବାୟ ସମାଚାର’ର ବିଶେଷ ସଂଖ୍ୟା ଏବଂ ବିଭିନ୍ନ ବିଭାଗ ଦ୍ୱାରା ଜାରି କରାଯାଇଥିବା ସମବାୟ ସମ୍ବନ୍ଧିତ ମାର୍ଗଦର୍ଶିକା ପୁସ୍ତିକା ଆକାରରେ ପ୍ରକାଶ ପାଇବ। ବୈଠକରେ ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଭରତ ଚନ୍ଦ୍ର ବେହେରା, ନିବନ୍ଧକ, ସମବାୟ ସମିତି ସମୂହ ସୁଶାନ୍ତ କୁମାର ବାରିକ, ଶୀର୍ଷ ସମବାୟ ସମିତିଗୁଡ଼ିକର ପରିଚାଳନା ନିର୍ଦ୍ଦେଶକ ଏବଂ ମାର୍କଫେଡ୍ ର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ୟୁନିୟନ୍ ର ପ୍ରଶାସିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପେଟ୍ରୋଲ ଦର ବୃଦ୍ଧିକୁ ନେଇ ପ୍ରଧାନମନ୍ତ୍ରୀଙ୍କୁ କଟାକ୍ଷ କଲେ ପିସିସି ସଭାପତି



ଭୁବନେଶ୍ୱର,୧୭/୧୦ (ନି.ପ୍ର): ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ପୁଣି ବୃଦ୍ଧି ପାଉଛି। ଏହାକୁ ନେଇ ଓଡ଼ିଶା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ କଟାକ୍ଷ କରିଛନ୍ତି। ସେ ନିଜର ଟୁଇଟରରେ ଲେଖିଛନ୍ତି, ଭୁବନେଶ୍ୱରରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୬ ଟଙ୍କା ୧୯ ପଇସାରେ ପହଞ୍ଚିଛି। ଦିନକୁ ୧୮ ଘଣ୍ଟା ଲଗାଇ ପ୍ରଧାନମନ୍ତ୍ରୀ ସାଧାରଣ ଲୋକଙ୍କ ଦୁଃଖ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିଛନ୍ତି।
ସୂଚନାଯୋଗ୍ୟ, ଦେଶରେ ପେଟ୍ରୋଲ ଏବଂ ଡିଜେଲ ଆଜି ପୁଣି ୩୫ ପଇସା ବୃଦ୍ଧି ପାଇଛି। ଦୁଇ ଦିନର ବିରତି ପରେ ଗତ ୪ଦିନ ହେଲା ଦେଶରେ ଏହି ଉଭୟ ଇନ୍ଧନ ଦର ବଢ଼ିବାରେ ଲାଗିଛି। ଗତକାଲି ଭୁବନେଶ୍ୱରରେ ପେଟ୍ରୋଲ ଦର ଲିଟର ପିଛା ୩୬ ପଇସା ବୃଦ୍ଧି ପାଇ ୧୦୬ ଟଙ୍କା ୪୨ ପଇସାରେ ଏବଂ ଡିଜେଲ ଦର ୩୯ ପଇସା ବୃଦ୍ଧି ଘଟି ୧୦୨ ଟଙ୍କା ୭୭ ପଇସା ଛୁଇଁଥିଲା। ତେବେ ଓଡ଼ିଶାର ମାଲକାନଗିରିରେ ପେଟ୍ରୋଲ ଏବଂ ଡିଜେଲ ଦାମ ରାଜ୍ୟର ଅନ୍ୟାନ୍ୟ ସ୍ଥାନ ତୁଳନାରେ ବହୁ ଅଧିକ ରହିଛି। ମାଲକାନଗିରିରେ ଗତକାଲି ପେଟ୍ରୋଲ ଦର ଲିଟର ପିଛା ୧୧୨ ଟଙ୍କା ଛୁଇଁଥିବାବେଳେ ଡିଜେଲ ଦର ୧୦୮ ଟଙ୍କା ୧୭ ପଇସାରେ ପହଞ୍ଚିଥିଲା।

# ୭୫ ଶିଶୁ ଓ କିଶୋରଙ୍କ ସମେତ ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୪୪୩ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୧୭/୧୦ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୪୪୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୫୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୧୮୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୭୫ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୪୩ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୧ ଜଣ, ବାଲେଶ୍ୱରରୁ ୧୪ ଜଣ, ଭଦ୍ରକରୁ ୫ ଜଣ, ବରଗଡ଼ରୁ ୨ ଜଣ, ବଲାଙ୍ଗୀରରୁ ୩ ଜଣ, କଟକରୁ ୨୭ ଜଣ, ଗଞ୍ଜାମରୁ ୧ ଜଣ, ଜଗତସିଂହପୁରରୁ ୭ ଜଣ, ଯାଜପୁରରୁ ୧୧ ଜଣ, କଳାହାଣ୍ଡିରୁ ୧ ଜଣ, କେନ୍ଦ୍ରାପଡ଼ାରୁ ୧୦ ଜଣ, ଖୋର୍ଦ୍ଧାରୁ ୨୪୩ ଜଣ, କୋରାପୁଟରୁ ୪ ଜଣ, ମୟୁରଭଞ୍ଜରୁ ୨୦ ଜଣ, ନୟାଗଡ଼ରୁ ୪ ଜଣ, ପୁରୀରୁ ୧୩ ଜଣ, ରାୟଗଡ଼ାରୁ ୨ ଜଣ, ସମ୍ବଲପୁରରୁ ୬ ଜଣ, ସୁନ୍ଦରଗଡ଼ରୁ ୧୧ ଜଣ ଓ ଷ୍ଟେଟ ପୁଲରୁ ୫୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୩୫ ହଜାର ୭୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରୁ ୧୦ ଲକ୍ଷ ୨୧ ହଜାର ୭୪୨ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୪ ହଜାର ୯୯୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ୨ ମ୍ୟୁନିସିପାଲଟି, ୫ ବ୍ଲକ୍‌ରେ ଶତ ପ୍ରତିଶତ ପ୍ରଥମ ଡୋଜ୍: ଦିଆଗଲାଣି ୩.୪ କୋଟି ଡୋଜ୍‌ରୁ ଅଧିକ



ଭୁବନେଶ୍ୱର ,୧୭/୧୦ (ନି.ପ୍ର): ରାଜ୍ୟର ଦୁଇଟି ମ୍ୟୁନସିପାଲଟି ଓ ୫ଟି ବ୍ଲକ୍‌ରେ ଶତ ପ୍ରତିଶତ ପ୍ରଥମ ଡୋଜ୍ ଟିକାକରଣ ହୋଇଛି। ମ୍ୟୁନିସିପାଲଟିରେ ଭୁବନେଶ୍ୱର ଓ ବ୍ରହ୍ମପୁର ଥିବା ବେଳେ ବ୍ଲକ୍ ଭିତରେ ଗଞ୍ଜାମର ବେଲଗୁଣ୍ଠା, ଦେବଗଡ଼ର ରିଆମାଳ, କନ୍ଧମାଳର ଟିକାବାଲି, ଜି.ଉଦୟଗିରି ଓ ରାଇକିଆ ଏହି ସଫଳତା ହାସଲ କରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ଧୀରେ ଧୀରେ ଟିକାକରଣ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ସରକାର ୧୮ବର୍ଷରୁ ଅଧିକ ୩.୧ କୋଟି ହିତାଧିକାରୀଙ୍କୁ ଟିକା ଦେବା ଲାଗି ଲକ୍ଷ୍ୟ ରଖିଛନ୍ତି। ଆଜି ରାଜ୍ୟରେ ୧୩୩୦ ଟିକାକରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ୧ଲକ୍ଷ ୬୭ହଜାର ୨୮ ଡୋଜ୍ ଟିକା ଦିଆଯାଇଛି। ଯୁବ ବର୍ଗରେ ୬୬,୯୨୪ ପ୍ରଥମ ଓ ୪୯,୨୮୧ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। ସେହିପରି ୪୫ବର୍ଷରୁ ଅଧିକ ୨୬,୫୨୧ ପ୍ରଥମ ଓ ୨୩,୭୯୨ ଦ୍ୱିତୀୟ ଡୋଜ୍ ନେଇଥିଲେ। ଏହାକୁ ମିଶାଇ ରାଜ୍ୟରେ ଏ ପର୍ଯ୍ୟନ୍ତ ୩କୋଟି ୪୦ଲକ୍ଷ ୬୧ହଜାର ୯ଶହ ଡୋଜ୍ ଟିକା ଦିଆଗଲାଣି। ଯୁବ ବର୍ଗରେ ୬୯ ପ୍ରତିଶତ ପ୍ରଥମ ଓ ୪୫ବର୍ଷରୁ ଅଧିକ ୮୭ ପ୍ରତିଶତ ପ୍ରଥମ ଡୋଜ୍ ଟିକା ନେଇ ସାରିଲେଣି।

# ସଂକ୍ରମଣ ଆଶଙ୍କା ବଢିଲେ ଜୋରଦାର ହେବ ସର୍ଭେଲାନ୍ସ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୭/୧୦ (ନି.ପ୍ର): ପାର୍ବଣ ସମୟରେ କରୋନାର କେତେ ପ୍ରଭାବ ପଡିଛି ତାହା ଆଗାମୀ ୭ ରୁ ୧୦ ଦିନ ଭିତରେ ଜଣାପଡ଼ିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ପାର୍ବଣରେ ଯେଉଁ ଭଳି ଭାବରେ ଲୋକମାନେ ଭିଡ଼ ଜମାଇଥିଲେ। ନିଶ୍ଚିନ୍ତ ଭାବରେ ଏହାର ପ୍ରଭାବ କରୋନା ସଂକ୍ରମଣ ଉପରେ ପକାଇବ। ଏନେଇ ସରକାର ପ୍ରସ୍ତୁତ ଅଛନ୍ତି। ଯଦି ସେଭଳି କିଛି ସଂକ୍ରମଣ ବଢ଼ିବାର ଆଶଙ୍କା ଦେଖାଯାଏ. ତେବେ ସର୍ଭେଲାନ୍ସକୁ ଜୋରଦାର କରାଯିବ। ଗ୍ରାମାଂଚଳରେ ଆଶା ଓ ସହରାଂଚଳରେ ମ୍ୟୁନିସିପାଲଟି କର୍ତୃପକ୍ଷ କଡ଼ା ନଜର ରଖିଛନ୍ତି। ସେଭଳି କିଛି ସଂକ୍ରମଣର ଆଭାସ ଆସିଲେ ସର୍ଭେଲାନ୍ସ କରାଯିବ। ଭିଡ଼କୁ ଯାଇଥିବା ଲୋକମାନଙ୍କର ଲକ୍ଷଣ ଆସିଲେ ସେମାନେ ପରୀକ୍ଷା କରେଇନେବା ଭଲ। ଅପରପକ୍ଷରେ ସ୍କୁଲ ଖୋଲିଲା ପରେ ଲକ୍ଷଣ ଥିବା ପିଲାଙ୍କ ଟେଷ୍ଟିଂ ହେବ। ଏହାଛଡ଼ା ସ୍କୁଲ ପିଲାଙ୍କ ଉପରେ ସର୍ଭିଲାନ୍ସ ଟିମ ନଜର ରଖିବ ଏବଂ ମନିଟରିଂ ହେବ।

# ବରମୁଣ୍ଡାରେ ଅର୍ଥୋ, ସ୍ପାଇନ୍ କେୟାର କ୍ଲିନିକ୍ ଉଦ୍‌ଘାଟିତ

ଭୁବନେଶ୍ୱର ,୧୭/୧୦ (ନି.ପ୍ର): ରାଜ୍ୟ ରାଜଧାନୀର ବରମୁଣ୍ଡାଠାରେ ଅର୍ଥୋ, ସ୍ପାଇନ୍ କେୟାର ନାମକ ଏକ ଅତ୍ୟାଧୁନିକ ଚିକିତ୍ସା ସୁବିଧା ସମ୍ପନ୍ନ କ୍ଲିନିକ୍ ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ଆଣ୍ଠୁ, ଗଣ୍ଠି, ମଜ୍ଜା ଏବଂ ମେରୁଦଣ୍ଡ ସମ୍ପର୍କୀୟ ବିଭିନ୍ନ ରୋଗର ବିଶ୍ୱସ୍ତରୀୟ ଚିକିତ୍ସା ଉପଲବ୍ଧ ହେବ ବୋଲି ଜଣାଯାଇଛି। ଓଡ଼ିଶାର ଉଦୀୟମାନ ଓ ପାରଦର୍ଶୀ ଅସ୍ଥିଶଲ୍ୟ ଓ ମେରୁଦଣ୍ଡ ବ୍ୟାଧୀ ବିଶେଷଜ୍ଞ ଓ ଅସ୍ତ୍ରୋପଚାରକ ଡକ୍ଟର ପୁଷ୍ପକ ସାମଲ ଏହି କ୍ଲିନିକ୍‌ର ପ୍ରତିଷ୍ଠାତା ଓ ମୁଖ୍ୟ ଚିକିତ୍ସକ ଅଟନ୍ତି। ତାଙ୍କ ସହିତ ଉକ୍ତ କ୍ଲିନିକ୍‌ରେ ଡକ୍ଟର ପ୍ରିୟବ୍ରତ ଦାସ, ଡକ୍ଟର ପି.କେ. କର, ଡକ୍ଟର ସୁମନ ସୌରଭ ରାଉତ ଏବଂ ଡକ୍ଟର ଆଲୋକ କୁମାର ଜେନା ପ୍ରମୁଖ ବିଶିଷ୍ଟ ଡାକ୍ତରମାନେ ରୋଗୀମାନଙ୍କୁ ଚିକିତ୍ସା କରିବେ ବୋଲି ପ୍ରାପ୍ତ ସୂଚନାରୁ ପ୍ରକାଶ। ଡକ୍ଟର ପୁଷ୍ପକ ସାମଲ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏମ୍‌କେସିଜି ମେଡିକାଲ କଲେଜରୁ ଏମ୍‌ବିବିଏସ୍ ଡିଗ୍ରୀ, କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜରୁ ‘ମାଷ୍ଟର ଇନ୍ ସର୍ଜରୀ’ ଡିଗ୍ରୀ ଏବଂ ପିଜିଆଇ ଚଣ୍ଡିଗଡ଼ରୁ ଅର୍ଥୋପେଡିକ୍ ବିଭାଗରେ ସିନିୟର୍ ରେସିଡେନ୍ସସିପ୍ ହାସଲ କରିବା ପରେ ସେଓଲସ୍ଥିତ ଦକ୍ଷିଣ କୋରିଆ ବିଶ୍ୱବିଦ୍ୟାଳୟରୁ ଅର୍ଥୋପେଡିକ୍ ଟ୍ରାଓମା ବିଭାଗରେ ଫେଲୋସିପ୍ ପ୍ରାପ୍ତ କରିବାର ଯୋଗ୍ୟତା ଅର୍ଜନ କରିଛନ୍ତି।

# ଏମ୍ସରେ ବିରଳ ଫୁସ୍‌ଫୁସ୍ ଚିକିତ୍ସା : ସୁସ୍ଥ ହେଲା ସାଢ଼େ ୩ ବର୍ଷର ଶିଶୁକନ୍ୟା

ଭୁବନେଶ୍ୱର ,୧୭/୧୦ (ନି.ପ୍ର): ଫୁସ୍‌ଫୁସ୍‌ରେ ଜମା ହୋଇଯାଉଥିଲା ପ୍ରୋଟିନ୍ ଭଳି ପଦାର୍ଥ। ଏଥିଯୋଗୁଁ ନିଃଶ୍ୱାସରେ କଷ୍ଟ ଅନୁଭବ କରୁଥିଲା ନାଗପୁରର ଜଣେ ସାଢେ ତିନି ବର୍ଷ ବୟସର ଶିଶୁକନ୍ୟା। ମହାରାଷ୍ଟ୍ର ଏମ୍ସରେ ଚିକିତ୍ସା ପରେ ମଧ୍ୟ ସେ ସୁସ୍ଥ ନ ହେବାରୁ ତା’କୁ ଏମ୍ସ ଭୁବନେଶ୍ୱରକୁ ଅଣାଯାଇଥିଲା। ଏଠାରେ ଅଭିଜ୍ଞ ଡାକ୍ତରୀଦଳ ତା’ର ଫୁସ୍‌ଫୁସ୍ ସଫା କରିବାରେ ସଫଳ ହେବାରୁ ପିଲାଟି ସୁସ୍ଥ ହୋଇଛି। ଢେଙ୍କାନାଳ ପରେ ନାଗପୁରର ଏତେ ଛୋଟ ଶିଶୁର ଫୁସ୍‌ଫୁସ୍ ସମସ୍ୟାର ସଫଳ ଚିକିତ୍ସା କରିପାରିଥିବାରୁ ଏମ୍ସ ଡାକ୍ତରୀଦଳକୁ ପ୍ରଶଂସାର ସୁଅ ଛୁଟିଛି। ଏମ୍ସ ଶିଶୁ ରୋଗ ବିଭାଗର ଡାକ୍ତର ରଶ୍ମିରଂଜନ ଦାସ, କ୍ରିଷ୍ଣା ଗୁଲା, ଅମିତ ଶତପଥୀ, ନିଶ୍ଚେତକ ବିଭାଗର ଡାକ୍ତର ସତ୍ୟଜିତ ମହାପାତ୍ର, ବିକ୍ରମ କିଶୋର ବେହେରା, ଶିଶୁ ସର୍ଜରି ବିଭାଗର ଡାକ୍ତର ମନୋଜ ମହାନ୍ତି, ବିକାଶ ବିହାରୀ ପ୍ରମୁଖ ଏହି ଚିକିତ୍ସା କରିଛନ୍ତି।
ଏମ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ; ଏକ ବର୍ଷରୁ ଅଧିକ ସମୟ ହେଲା ଏହି ଶିଶୁକନ୍ୟାଟି ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟାର ସମ୍ମୁଖୀନ ହେଉଥିଲା। ସ୍ଥିତି ଏଭଳି ହୋଇଥିଲା ଯେ ୪ ମାସ ହେଲା ତା’କୁ ଅକ୍ସିଜେନରେ ରଖିବାକୁ ପଡ଼ିଥିଲା। ରୋଗ ପରୀକ୍ଷା ପରେ ଶିଶୁଟି ପଲମୋନାରି ଏଲଭୋଲାର ପ୍ରୋଟେନ୍ସି ନାମକ ଏକ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ଡାକ୍ତରଙ୍କ ଅନୁସାରେ, ଏହି ରୋଗର କୌଣସି ଔଷଧ କିମ୍ବା ଅସ୍ତ୍ରୋପଚାର ନାହିଁ। ଜିନ୍‌ଗତ କିମ୍ବା ବିଭିନ୍ନ କାରଣରୁ ଫୁସ୍‌ଫୁସ୍‌ରେ ପ୍ରୋଟିନ ଜମା ହୋଇଯାଏ। ଗତ ମାସରେ ଏହିଭଳି ରୋଗରେ ପୀଡ଼ିତ ଢେଙ୍କାନାଳର ଏକ ଶିଶୁର ସଫଳ ଚିକିତ୍ସା ଏମ୍ସ ଭୁବନେଶ୍ୱରରେ ହୋଇଥିଲା। ଏ ସମ୍ପର୍କରେ ନାଗପୁର ଶିଶୁଙ୍କ ଅଭିଭାବକ ଜାଣିବା ପରେ ସେଠାକାର ଏମ୍ସ ଡାକ୍ତରମାନଙ୍କ ସହ ପରାମର୍ଶ କରି ଭୁବନେଶ୍ୱର ଏମ୍ସକୁ ଚିକିତ୍ସା ପାଇଁ ରେଫର୍ ହୋଇ ଆସିଥିଲେ। ଢେଙ୍କାନାଳ ଶିଶୁଟିର ଫୁସ୍‌ଫୁସ୍ ସଫା ପାଇଁ ଏକ୍‌ମୋର ଆବଶ୍ୟକତା ପଡ଼ିଥିଲା। ମାତ୍ର ନାଗପୁରର ଏହି ସାଢେ ତିନି ବର୍ଷର ଶିଶୁର ଫୁସ୍‌ଫୁସ୍ ସଫା ପାଇଁ ଏକ୍‌ମୋର ମଧ୍ୟ ଆବଶ୍ୟକତା ପଡ଼ିଲା ନାହିଁ। ସେ ସୁସ୍ଥ ହୋଇ ଫେରିଛନ୍ତି।

## ସଂରକ୍ଷଣର ମାୟାଜାଲ

(ପୃଷ୍ଠା-୪ର ଅବଶିଷ୍ଟ)

ଆଉ ଗୋଟିଏ ଆଖିରେ ଦେଖିଥିବା ଉଦାହରଣ ଦେଉଛି । ପଞ୍ଚମ ଶ୍ରେଣୀର ୨ଜଣ ପଢୁଥିବା ପିଲା ଖୁବ୍ ସାଙ୍ଗ ଥିଲେ । ଗୋଟିଏ ସାଧାରଣ ବର୍ଗର ଓ ଆଉ ଗୋଟିଏ ସଂରକ୍ଷଣ ବର୍ଗର । ସାଧାରଣ ବର୍ଗର ପିଲାଟି ଖୁବ୍ ମେଧାବୀ ଥିଲା । ଆଉ ତା'ର ସାଙ୍ଗଟି କମ୍ ମେଧାବୀ ଥିଲା । ଦୁହେଁ ସାଙ୍ଗ ହୋଇ ଓଡ଼ିଶା ସରକାରଙ୍କ ଆଦର୍ଶ ବିଦ୍ୟାଳୟରେ ପଢ଼ିବା ପାଇଁ ପରୀକ୍ଷା ଦେଇଥିଲେ । ଫଳାଫଳ ଘୋଷଣା ହେବା ପରେ ସାଧାରଣ ବର୍ଗର ପିଲାଟି ତା'ସାଙ୍ଗ ଠାରୁ ୧୦ନମ୍ବର ଅଧିକ ରଖି ଆଦର୍ଶ ବିଦ୍ୟାଳୟରେ ପଢ଼ିବାରୁ ବଞ୍ଚିତ ହୋଇଥିଲା । ସେଦିନ ସେହି ପିଲାଟିର କାନ୍ଦ ଆଉ ଲୁହ ଛଳ ଛଳ ଭାବାବେଗକୁ ବୁଝାଇବାକୁ ନିରୂପାୟ ହୋଇଥିଲେ ବାପା ମାଆ । ସେ ଅଧିକ ନମ୍ବର ରଖି କ'ଣ ପାଇଁ ପଢ଼ିବାର ସୁଯୋଗ ପାଇଲା ନାହିଁ ବୋଲି ବାରମ୍ବାର ପ୍ରଶ୍ନ କରୁଥିଲା । ଗୋଟିଏ କୋମଳମତି ପିଲାର ଏ ମାନସିକ ସ୍ଥିତିକୁ ବୁଝାଇବା ପାଇଁ ଆମ ପାଖରେ କିଛି ଉତ୍ତର ଅଛିକି? ଦେଶ ସ୍ୱାଧୀନ ହୋଇଛି । ସମସ୍ତେ ସମାନ ଭାବରେ ବଞ୍ଚିବାର ଅଧିକାର ଅଛି । ଯେଉଁମାନେ ଅନଗ୍ରସର ସେମାନେ ମୁଖ୍ୟ ସ୍ରୋତରେ ସାମିଲ ହେବା ଉଚିତ୍ ମଧ । ମାତ୍ର ତା'ର ଅର୍ଥ କ'ଣ ଗାତ ଖୋଳି ଗାତ ପୋତିବା? ଗୋଟିଏ କୋମଳ ଶିଶୁର ଭାବାବେଗ ସହିତ ଖେଳିବାର ଅଧିକାର କାହାର ଅଛି କି? ବିଶେଷ କରି ଶିକ୍ଷା ଓ ସ୍ୱାସ୍ଥ୍ୟକ୍ଷେତ୍ରରେ ଏମିତି ବ୍ୟବସ୍ଥା ରହିବା ଦ୍ୱାରା ମେଧାବୀଟିଏ ତା'ର ଉପଯୁକ୍ତ ଅଧିକାରରୁ ବଞ୍ଚିତ ହେଉ ନାହିଁକି? ଯଦି ଏମିତି ସଂରକ୍ଷଣ ବ୍ୟବସ୍ଥା ଲାଗି ରହେ ତାହା ପ୍ରକୃତ ମେଧାବୀକୁ ନିରୁତ୍ସାହିତ କରିବ ନାହିଁ କି? ସାମାଜିକ ଓ ଆର୍ଥିକ ବିଭେଦତା ଦୂର ପାଇଁ ବ୍ୟବସ୍ଥା ରହୁ । ମାତ୍ର ତାହା ଦିଗହରା ହୋଇ କେବଳ ନେତାମାନଙ୍କର ଭୋଟ ବ୍ୟାଙ୍କ ରୂପେ ବ୍ୟବହାର ନହେଉ । ନହେଲେ ଦେଶ ଦିନେ ଅଯୋଗ୍ୟ ଅଧିକାରୀମାନଙ୍କର ପୂର୍ଣ୍ଣ ହୋଇଯିବ । ସେତେବେଳେ ଦେଶର ବିକାଶ ସ୍ଥିର ହୋଇ ବିନାଶ ଆଡ଼କୁ ଗତି କରିବାର ଆଶଙ୍କା କରାଯାଏ ।

+ ମକୁନ୍ଦପୁର,ବାଙ୍କୀ
(ମୋ) ୯୪୩୭୪୬୮୦୧୬

## ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ପାଳିତ



ବାରିପଦା,୧୭/୧୦ (ନି.ପ୍ର): ବିଶିଷ୍ଟ ବୈଜ୍ଞାନିକ ଭାରତର ପୂର୍ବତନ ରାଷ୍ଟ୍ରପତି ଡ.ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ଶିକ୍ଷକ ସମାଜ ତରଫରୁ ପାଳିତ ହୋଇଯାଇଛି। ଶିକ୍ଷକ ସମାଜର ସଭାପତି ଡ.ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ପୂର୍ବତନ ବିଜ୍ଞାନ ପରିଦର୍ଶକ ଅମିତାଭ ମିଶ୍ର ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଡ. କଲାମଙ୍କ ଜୀବନାଦର୍ଶ ସମୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ଉପେନ୍ଦ୍ରନାଥ ବେହେରା ଓ ପ୍ରଦୀପ କୁମାର ନନ୍ଦ ପ୍ରମୁଖ ବକ୍ତବ୍ୟ ଦେଇ ଡ.କଲାମଙ୍କ ସ୍ମୃତିଚାରଣ କରିଥିଲେ। ବୁଦ୍ଧିରାମ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଭିଡ ନିୟମ ପାଳନ ପୂର୍ବକ ନିରାଡମ୍ବର ଭାବରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଉପେନ୍ଦ୍ରନାଥ ବେହେରା ଓ ପ୍ରଦୀପ କୁମାର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଏବେ ସୋନିଆ ଓ ପରେ....

ଏବେ ସୋନିଆ ଓ ପରେ ରାହୁଲଙ୍କ ନେତୃତ୍ୱରେ ହିଁ ପରିଚାଳତ ହେବ କଂଗ୍ରେସ ଦଳ । ଗାନ୍ଧି ପରିବାର ହାତରେ କଂଗ୍ରେସ ରହିବ ବୋଲି ଏକ ପ୍ରକାର ସ୍ପଷ୍ଟ ହେବା ପରେ ପଞ୍ଜାବ, ଛତିଶଗଡ ଓ ରାଜସ୍ଥାନ ଗଡ ବଞ୍ଚାଇବା ଦଳ ପାଇଁ ଆଗକୁ ବଡ ଚ୍ୟାଲେଞ୍ଜ ହେବ । ଏହି ସବୁ ରାଜ୍ୟରେ ଦଳୀୟ କନ୍ଦଳ ଏବେ ଚରମ ସୀମାରେ ପହଞ୍ଚିଛି । ସେହିଭଳି ୨୦୨୨ରେ ୟୁପି ଓ ଗୁଜରାଟରେ ବିଧାନସଭା ନିର୍ବାଚନ ହେବ । ତେଣୁ ଏଠାରେ ବିଶୃଙ୍ଖଳାକୁ ରୋକି ନିର୍ବାଚନ ସାମ୍ନା କରିବା ଦଳ ପାଇଁ ଗାନ୍ଧି ପରିବାର ପାଇଁ ଚ୍ୟାଲେଞ୍ଜ ହେବାକୁ ଯାଉଛି । ଦେଶରେ କଂଗ୍ରେସ ପ୍ରତି ଲୋକଙ୍କ ସମର୍ଥନ ଧିରେ ଧିରେ କମିବାରେ ଲାଗିଛି । ବଡ ପ୍ରଶ୍ନ ଉଠୁଛି, ଗାନ୍ଧି ପରିବାର ଦଳକୁ ଏକଜୁଟ ରଖିପାରିବେ କି ? ଦଳ ପ୍ରତି ପୂର୍ବ ଜନସମର୍ଥନ ଫେରିବ କି ? ସୋନିଆ ବରିଷ୍ଠଙ୍କୁ ଗୁରୁତ୍ୱ ଦେଉଥିବାବେଳେ ରାହୁଲଙ୍କ ଭରସା ହେଉଛନ୍ତି ଯୁବ ବ୍ରିଗେଡ୍ । ଗାନ୍ଧି ପରିବାର ନେତୃତ୍ୱରେ ଦଳ ୨୦୨୨ ଓ ଆଗାମୀ ନିର୍ବାଚନରେ କେତେ ସଫଳତା ହାସଲ କରିବ ?

### ଅଗରବତୀ କାରଖାନାରେ....

ବାହାରକୁ ଆସି ଯାଇଥିଲେ। ସୂଚନା ଅନୁସାରେ ଆଜି ସନ୍ଧ୍ୟା ପ୍ରାୟ ୬ଟାରେ ଜଗତପୁର ଅଂଚଳରେ ଥିବା ଏକ ଘରୋଇ ଅଗରବତୀ କାରଖାନାରେ ନିଆଁ ଲାଗିଥିଲା। ରବିବାର ଥିଲେ ବି କାରଖାନାରେ ଶ୍ରମିକ ଓ କର୍ମଚାରୀମାନେ କାମ କରୁଥିଲେ। ହଠାତ୍ ନିଆଁ ଲାଗିବା ପରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ସୂଚନା ପାଇଁ ଅଗ୍ନିଶମ ବାହିନୀର ୨ଟି ଗାଡ଼ି ଘଟଣାସ୍ଥଳରେ ପହଂଚିଛି। ନିଆଁର ମାତ୍ରା ଭୟଙ୍କର ଥିଲା। ନିଆଁ ଲିଭା କାର୍ଯ୍ୟ ଜାରି ଥିବା ବେଳେ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଅନ୍ୟପଟରେ କାରଖାନାର କେତେ କ୍ଷୟକ୍ଷତି ହୋଇଛି, ଏହାର ଆକଳନ ପରେ ଜଣାପଡ଼ିବ।

### ଗୋପାଳପୁର ବିଧାୟକ ପ୍ରଦୀପ....

୧୧.୧୨.୨୦୨୦ରେ ଲୋକାୟୁକ୍ତ ତାଙ୍କ ବିରୋଧରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ୨୦୦୯ରୁ ୨୦୨୦ ମଧ୍ୟରେ ଶ୍ରୀ ପାଣିଗ୍ରାହୀ ୫ କୋଟି ୫ ଲକ୍ଷ ୪ ହଜାର ୬୫୬ ଟଙ୍କାର ଆୟ ବହିର୍ଭୂତ ସଂପତି ଠୁଳ କରିଥିଲେ। ଏହି ତଦନ୍ତ ରିପୋର୍ଟକୁ ଲୋକାୟୁକ୍ତଙ୍କୁ ପ୍ରଦାନ କରାଯାଇଥିଲା। ଲୋକାୟୁକ୍ତ ଏହି ରିପୋର୍ଟକୁ ଭଲ ଭାବେ ଯାଂଚ କରିଥିଲେ। ତା'ସହିତ ବିଧାୟକ ଶ୍ରୀ ପାଣିଗ୍ରାହୀ ରଖିଥିବା ପକ୍ଷକୁ ପରଖି ଥିଲେ। ଏସବୁ ପରେ ଲୋକାୟୁକ୍ତ ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ତଦନ୍ତକୁ ଆଗେଇ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଏକ ସବିଶେଷ ତଦନ୍ତ ପାଇଁ ଭିଜିଲାନ୍ସ ପକ୍ଷରୁ ୪.୧୦.୨୦୨୧ରେ ମାମଲା ରୁଜୁ କରାଗଲା। ଏହି ମାମଲାରେ ଚଢ଼ାଉ କରିବା ପାଇଁ ତଦନ୍ତକାରୀ ଅଧିକାରୀଙ୍କୁ ଲୋକାୟୁକ୍ତ ଅନୁମତି ପ୍ରଦାନ କରିଥିଲେ। ଆଉ ସେହି ଅନୁସାରେ ଆଜି ବିଧାୟକ ଶ୍ରୀ ପାଣିଗ୍ରାହୀ, ତାଙ୍କ ସଂପର୍କୀୟ ଓ ସହଯୋଗୀଙ୍କ ଘରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ଜଣେ ଏସ୍‌ପି, ୨ ଜଣ ଅତିରିକ୍ତ ଏସ୍‌ପି ଓ ୧୭ ଜଣ ଡିଏସ୍‌ପିଙ୍କ ସହିତ ଅନ୍ୟମାନେ ସାମିଲ ହୋଇଛନ୍ତି। ସୂଚନାଯୋଗ୍ୟ, ଭାବି କ୍ୱାଇଁ ଆକାଶ ପାଠକଙ୍କ ସହ ମିଶି ଟାଟା କମ୍ପାନୀରେ ଚାକିରି କରାଇ ଦେବାକୁ କହି ଲୋକଙ୍କ ଠାରୁ ଟଙ୍କା ଆଦାୟ କରିଥିବା ଅଭିଯୋଗରେ ଗତ ବର୍ଷ ଡିସେମ୍ବର ୩ ତାରିଖରେ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ କ୍ରାଇମବ୍ରାଂଚ ଗିରଫ କରିଥିଲା। ଜାମିନ ପାଇବା ପରେ ଗତ ଜୁନ୍ ୧୨ ତାରିଖରେ ସେ ଜେଲ୍ ରୁ ମୁକୁଳି ଥିଲେ।

### ବୌଦ୍ଧସ୍ଥଳୀର ବିକାଶ ପାଇଁ ଓଡ଼ିଶାକୁ....

ବୌଦ୍ଧ ଧର୍ମର ପ୍ରଚାରପ୍ରସାର ହୋଇଥିଲା। ଚୀନ ପରିବ୍ରାଜକ ହୁଏନ ସାଂଙ୍କ ବୌଦ୍ଧ ଧର୍ମ ଏବଂ ଓଡ଼ିଶା ସମ୍ପର୍କିତ ଲେଖା ରାଜ୍ୟରେ ବୌଦ୍ଧ ଧର୍ମର ଗୌରବମୟ ଅଧ୍ୟାୟକୁ ପୁନର୍ଜୀବିତ କରେ। ବୌଦ୍ଧ ଧର୍ମର ପ୍ରଭାବ ଓଡ଼ିଶାର ଲୋକଙ୍କ ସାମାଜିକ –ସାଂସ୍କୃତିକ ଜୀବନରେ ଦେଖିବାକୁ ମିଳିଥାଏ । ଓଡ଼ିଶାର ବିଭିନ୍ନ ସ୍ଥାନରେ ବହୁ ପ୍ରସିଦ୍ଧ ବୌଦ୍ଧସ୍ଥଳି ତଥା ବୌଦ୍ଧପୀଠ ରହିଅଛି। ଧଉଳଗିରି, ଲଳିତଗିରି, ଉଦୟଗିରି, ରତ୍ନଗିରି ଏବଂ ଜିରାଙ୍ଗ ଠାରେ ବୌଦ୍ଧ କୀର୍ତି ତଥା ପରମ୍ପରା ବାବଦରେ ସ୍ପଷ୍ଟ ଚିତ୍ର ପ୍ରଦାନ କରେ। ଏ ସବୁ ବୃହତ ଭାବରେ ଆନ୍ତର୍ଜାତିକ ପର୍ଯ୍ୟଟକ ବିଶେଷ ଭାବରେ ପୂର୍ବ ଏବଂ ଦକ୍ଷିଣ ପୂର୍ବ ଏସିଆ ଓ ଉତର ପୂର୍ବ, ହିମାଂଚଳ ପ୍ରଦେଶ ଏବଂ ଲଦାଖ ତଥା ଦେଶର ପର୍ଯ୍ୟଟନ କ୍ଷେତ୍ରରେ ଗୁରୁତ୍ୱ ବହନ କରୁଛି। ତେବେ ରାଜ୍ୟରେ ଥିବା ବୌଦ୍ଧ ପୁଣ୍ୟପୀଠ ମାନଙ୍କରେ ପର୍ଯ୍ୟଟକଙ୍କ ପାଇଁ ବିଶେଷ ଭାବରେ ଯୋଗାଯୋଗ, ଯାତାୟତ ଏବଂ ମୌଳିକ ସୁବିଧାର ବ୍ୟବସ୍ଥା ହୋଇନାହିଁ। ତେଣୁ ଅପାର ସମ୍ଭାବନା ରଖୁଥିବା ପବିତ୍ର ବୌଦ୍ଧସ୍ଥଳି ଗୁଡ଼ିକରେ ପର୍ଯ୍ୟଟନର ବିକାଶ ଏବଂ ପର୍ଯ୍ୟଟକଙ୍କ ବୃଦ୍ଧି ପାଇଁ ସ୍ୱଦେଶ ଦର୍ଶନ ଯୋଜନାରେ ପ୍ରସ୍ତାବିତ 'ବୁଦ୍ଧିଷ୍ଟ ସର୍କିଟ'ରେ ଓଡ଼ିଶାକୁ ସାମିଲ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଶ୍ରୀ ପ୍ରଧାନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ପର୍ଯ୍ୟଟନ ସ୍ଥଳିର ବିକାଶ ହେଲେ ଓଡ଼ିଆ ଲୋକଙ୍କ ଜୀବନଜୀବିକାରେ ଉନ୍ନତି ଆସିପାରିବ ବୋଲି ସେ କହିଛନ୍ତି।

### ତେଲ ଦର ବୃଦ୍ଧିରେ ଲାଗୁନି....

ମନ୍ତ୍ରୀ କହିଛନ୍ତି, ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଉପରେ ଲଗାତର ନଜର ରଖାଯାଇଛି । ତୈଳ ଦରରେ ସ୍ଥିରତା ଆଣିବା ପାଇଁ ଚେଷ୍ଟା କରାଯାଉଥିବା କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ । ସେପଟେ, ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ପୁଣି ବୃଦ୍ଧି ପାଉଛି। ଏହାକୁ ନେଇ ଓଡ଼ିଶା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ କଟାକ୍ଷ କରିଛନ୍ତି। ସେ ନିଜର ଟୁଇଟରରେ ଲେଖିଛନ୍ତି, ଭୁବନେଶ୍ୱରରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୬ ଟଙ୍କା ୧୯ ପଇସାରେ ପହଞ୍ଚିଛି। ଦିନକୁ ୧୮ ଘଣ୍ଟା ଲଗାଇ ପ୍ରଧାନମନ୍ତ୍ରୀ ସାଧାରଣ ଲୋକଙ୍କ ଦୁଃଖ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିଛନ୍ତି।

## କଳା ଓ କଳାକାର ବିକାଶ ପରିଷଦ ପକ୍ଷରୁ ବଂଧୁମିଳନ

ଜଳେଶ୍ୱର. ୧୭/୧୦(ନିପ୍ର): ଜଳେଶ୍ୱର ବ୍ଲକରେ ଥିବା କଳା ଓ କଳାକାର ବିକାଶ ପକ୍ଷରୁ ବିଜୟା ଦଶମୀ ଉପଲକ୍ଷେ ଏକ ବଂଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ବଜାରରେ ଥିବା କାର୍ଯ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ପରିଷଦର ସଭାପତି ଚନ୍ଦ୍ରମୋହନ ରାଉଳ ପୌରହିତ୍ୱ କରିଥିଲେ ଙ୍କମଳ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କଳାକାର ମାନଙ୍କ ବିକାଶ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଜିତ୍ ନନ୍ଦୀ, ବାସୁଦେବ ଦାସ, ଶ୍ରୀପତି ଘୋଷ, ଅଭିମନ୍ୟୁ ଦେହୁରୀ, ଗଣେଶ ବେହେରା, ଜଗଦିଶ ବେହେରା, ବ୍ରଜେନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ରହି କଳାକାର ମାନଙ୍କୁ ବିଜୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନୋରଂଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟରେ କରୋନାରେ ଆଉ ୩ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୭/୧୦ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୩ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୨୮୫ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ, ଜଗତସିଂହପୁର ଓ କଟକ ଜିଲ୍ଲାରୁ ଜଣେ ଲେଖାଏ ମୃତ୍ୟୁବରଣ କରିଛନ୍ତି ।

## ଆମଦୁନିଆ ପକ୍ଷରୁ ଶିଳ୍ପୀ କେଶୁ ଦାସଙ୍କୁ ସମ୍ବର୍ଦ୍ଧନା



ବସ୍ତା,୧୭।୧୦ (ନିପ୍ର) ବାଲେଶ୍ୱର ଜିଲ୍ଲା ର ବାହାବଳପୁର ର ଦୁବଲାଗଡି ଦୁର୍ଗା ମଣ୍ଡପ ରେ ଶିଳ୍ପୀ କେଶୁ ଦାସ ଙ୍କୁ ନିକଟରେ ଓଡିଶା ଟେଲିଭିଜନ ତରଫରୁ ଓଡିଶା ନାଗରିକ ସମ୍ମାନ ରେ ସମ୍ମାନୀତ ହୋଇଥିବା ବେଳେ ଶନିବାର ତାଙ୍କର ଜନ୍ମ ମାଟି ଦୁବୁଲାଗଡିରେ ଏକ ସେଚ୍ଛାସେବୀ ଅନୁଷ୍ଠାନ - ଆମଦୁନିଆ - ତରଫରୁ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ପାଇ ଏକ ସଭା ଅନୁଷ୍ଠିତ ହୋଇ ଅଛି । ଏହି ସଭାରେ ଶ୍ରୀକୃଷ୍ଣ ଗିରି ସଭାପତିତ୍ୱ କରିଥିଲେ ମୁଖ୍ୟ ଅତିଥି ଭାବେ ବିଜେଡିର ରାଜ୍ୟସାଧାରଣ ସଂପାଦକ ତଥା ସମାଜସେବୀ ଶ୍ୟାମାପ୍ରସାଦ ବେହେରା ଯୋଗ ଦେଇ ଆମ ବାଲେଶ୍ୱରଜିଲ୍ଲା ର କଳା. ସଂସ୍କୃତି. ଓଡିଆଭାଷା ସାହିତ୍ୟର ଗନ୍ତା ଘର ଏକ ଅନ୍ଧାରି ମୂଳକ ରେ ରହି ମଧ୍ୟ ଶ୍ରୀଦାସ ରାଜ୍ୟ ସ୍ତରରେ ମହକବୁଣି ଆମ ଜିଲ୍ଲାକୁ ଗୌରବାନିତ କରିପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ଭାବେ ପୂର୍ବତନ ସରପଞ୍ଚ ଗୟାପ୍ରସାଦ ଦାସ,ସମ୍ମାନୀତ ଅତିଥି ଭାବେ ସରପଞ୍ଚ ଶୈଳବାଳା ଜେନା ଯୁବନେତା ବିରାଜ ସିଂଦେଓ ସାମ୍ବାଦିକ ସୁଶାନ୍ତ ପ୍ରଧାନ ଉପସ୍ଥିତ ରହି ଶିଳ୍ପୀ ଦାସ ଙ୍କ ମହାନ କଳାର ଗୁଣଗାନ କରିଥିଲେ ଆୟୋଜକ ଆମ ଦୁନିଆ ର ସଭାପତି ଗୋବିନ୍ଦ ପ୍ରସାଦ ଦାସ ମଞ୍ଚ ପରିଚାଳନା ଅତିଥି ପରିଚୟ ପ୍ରଦାନକରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆମ ଦୁନିଆ ର ସଂପାଦକ ରାମ ଚନ୍ଦ୍ର ବେରା, ରିଣ୍ଟୁମାନ୍ନା, ମହେଶ୍ୱର ମାନ୍ନା, ଧନଞ୍ଜୟ ଗିରି, ମଦନ ପରିଡା, ଗୋକୁଳାନନ୍ଦ ଦାସ, ପ ତିତପାବନ ଦାସ,ଭକ୍ତ ଚରଣ ଦାସ, ମୁକ୍ତିକାନ୍ତ ନନ୍ଦୀ, ପ୍ରତାପଦାସ, ଦୁବୁଲାଗଡିର ଗ୍ରାମ ବାସୀ ଓ ଆମଦୁନିଆ ସେଚ୍ଛାସେବୀ ସଂଗଠନ ପକ୍ଷରୁ ଉତ୍ତରିୟ ମାନପତ୍ର ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଘର ତାଲା ଭାଙ୍ଗି ସୁନାଗହଣା ଓ ଟଙ୍କା ଲୁଟ୍

### ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟାମ୍ ଦ୍ୱାରା ତଦନ୍ତ



ବାରିପଦା,୧୭/୧୦ (ନି.ପ୍ର): ସଂଧ୍ୟା ସମୟରେ ଘର ତାଲାଭାଙ୍ଗି ସୁନାଗହଣା ଓ ଟଙ୍କା ଲୁଟ ହୋଇଛି । ଘଟଣା ଘଟିଛି ବାରିପଦା ପୌରପରିଷଦ ଅନ୍ତର୍ଗତ ପାଲବଣୀ ସ୍ଥିତ ଛାଞ୍ଚ ମୌଜାର ୨୫ ନଂ ୱାର୍ଡରେ । ସୂଚନା ମୁତାବକ ୨୫ନଂ ୱାର୍ଡରେ ରହୁଥିବା ବି ବି କଲେଜର ଅଧ୍ୟାପକ ସୁଶାନ୍ତ କୁମାର ସାହୁ ଗତ ୧୫ତାରିଖ ସଂଧ୍ୟାରେ ବାହାରକୁ ଯାଇଥିବା ବେଳେ ତାଙ୍କ ପତ୍ନୀ ଓ ପୁଅ ହସପିଟାଲରେ ଥିବା ଜଣେ ସଂପର୍କୀୟଙ୍କୁ ଭେଟିବାକୁ ଯାଇଥିଲେ । ଦୁର୍ଭାଗ୍ୟ କ୍ରମେ ସେଦିନ ସିସିଟିଭି କ୍ୟାମେରା ଅନ କରିବାକୁ ତାଙ୍କ ପତ୍ନୀ ଭୁଲି ଯାଇଥିବା ବେଳେ ମାତ୍ର ଘଣ୍ଟେ ଦେଢଘଣ୍ଟା ଭିତରେ ଚୋର ପଛ କବାଟ ଭାଙ୍ଗି ପଶି ତାଙ୍କ ବେଡରୁମ୍‌ର ଷ୍ଟିଲ ଆଲମୀରା ଏବଂ କପବୋର୍ଡ ଭାଙ୍ଗି ସମସ୍ତ ଗହଣା ଗାଣ୍ଠି ସମେତ ନଗଦ ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲେ । ରାତି ସାଢେ ଆଠଟା ବେଳକୁ ଘରକୁ ଫେରିବା ବେଳକୁ ସେତେବେଳକୁ ଚୋର ଚୋରି କରି ଚମ୍ପଟ ମାରିଥିଲେ । ସମ୍ମୁଖ ଦରଜାର କବାଟ ପଛପଟୁ ଲକ୍ ଥିବାରୁ ସନ୍ଦେହ ହେବାରୁ ପଛ ପଟ ଦେଖିବା ବେଳକୁ ପଛ ଦ୍ୱାର ମେଲା ଥିବା ଦେଖି ଘରୁ ଚୋର କଳାକନା ବୁଲାଇଥିବା ନେଇ ଜାଣିବାକୁ ପାଇଥିଲେ । ସଂଗେ ସଂଗେ ଟାଉନ୍ ଥାନାକୁ ଖବର ଦେବାରୁ ଆଇଆଇସି ବିରେନ୍ଦ୍ର ସେନାପତି ଘଟଣା ସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ତେବେ ୧୬ ତାରିଖରେ ରରୁଆଁ ବଳାତ୍କାର ମାମଲା ଓ ଯଶୀପୁର ହତ୍ୟାକାଣ୍ଡ ମାମଲାରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଯାଇଥିବାରୁ ଏହି ଚୋରି କେସର ତଦନ୍ତ ହୋଇ ପାରି ନଥିଲା । ୧୭ତାରିଖ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ପହଞ୍ଚି ଘଟଣାର ଛାନଭିନ୍ କରିଥିଲେ । ସନ୍ଧାନୀ କୁକୁର ଦେଖାଇଥିବା ରାସ୍ତାକୁ ତଦନ୍ତ ପରିସର ଭୁକ୍ତ କରି ପୁଲିସ ତଦନ୍ତକୁ ଆଗକୁ ବଢାଇଛି । ଏହି ଘଟଣାରେ ତଦନ୍ତ ସବ୍‌ଇନିସପେକ୍ଟର ମାନିନୀ ପ୍ରଧାନ କରୁଛନ୍ତି । ସନ୍ଧାନୀ କୁକୁର ପହଞ୍ଚିଥିବା ଶେଷ ଠିକଣା ପାଖାପାଖି ଅଞ୍ଚଳରେ ମୁର୍ସିଦାବାଦୀ ପଲ୍ଲାମିସ୍ତ୍ରୀ ମାନେ ରହୁଥିବାରୁ ତାଙ୍କ ଉପରେ ସନ୍ଦେହ ଅଧିକ ଘନୀଭୂତ ହୋଇଛି । ବାରିପଦାରେ ବିଭିନ୍ନ ସ୍ଥାନରେ ମୁର୍ସିଦାବାଦୀଙ୍କ ଦ୍ୱାରା ଅନେକ ଅପରାଧ ଘଟୁଥିବା ପୁଲିସ ଫାଇଲ୍‌ରୁ ଜାଣିବାକୁ ମିଳିଛି ।

## ହେରିଟେଜ୍ ରାଇଡ୍‌ରେ ଭାଗନେଲେ ଛାତ୍ର ଛାତ୍ରୀ

ପୁରୀ,୧୭/୧୦ (ନି.ପ୍ର): ଶ୍ରୀମନ୍ଦିର,ମହୋଦଧି ବ୍ୟତୀତ ଐତିହ୍ୟ ସମ୍ପନ୍ନ ପୁରୀ ସହରର ପ୍ରାଚୀନ ମଠ ମନ୍ଦିର ଏବଂ ଆଶ୍ରମ ସମ୍ପର୍କରେ ଆଗାମୀ ପିଢୀକୁ ତଥ୍ୟଭିତ୍ତିକ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ଇକୋ ଟୁରିଜିମ୍ ଫାଉଣ୍ଡେସନର ମିଳିତ ସହଯୋଗରେ ଆରମ୍ଭ ହୋଇଛି 'ହେରିଟେଜ୍ ୱାକ୍ ଆଣ୍ଡ ରାଇଡ୍' । ଏହି କ୍ରମରେ ଆଜି ନିଳାଦ୍ରୀ ବିଚ ଠାରୁ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ୩୦ଜଣ ଛାତ୍ର ଛାତ୍ରୀ ବାହାରି ଚକ୍ରତୀର୍ଥ ରୋଡ଼ରେ ଅବସ୍ଥିତ ଐତିହାସିକ ସମ୍ପନ୍ନ ଲକ୍ଷ୍ମୀନୃସିଂହ ଓ ଚକ୍ର ନାରାୟଣ ମନ୍ଦିର, ବଳରାମ ଦାସଙ୍କ ବାଲୁକା ରଥ ତିଆରି ସ୍ଥାନ,ବେଡ଼ି ହନୁମାନ, ବାଡ଼ି ନୃସିଂହ, ସୁନାର ଗୌରାଙ୍ଗ, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରଣୀ, ଗୁଣ୍ଡିଚା ମନ୍ଦିର ଓ ଦଶଅବତାର ମଠ ଆଦି ବୁଲି ଦେଖିଥିଲେ। ସିଦ୍ଧାର୍ଥ ଆଚାର୍ଯ୍ୟ ପିଲାମାନଙ୍କୁ ଉପରୋକ୍ତ ସ୍ଥାନ ସମ୍ପର୍କିତ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଶେଷରେ ପିଲାମାନଙ୍କ ମଧ୍ୟରେ ସାଧାରଣଜ୍ଞାନ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା। ପୁରୀର ଉନ୍ନତ ତଥା ଐତିହ୍ୟପୂର୍ଣ୍ଣ ସ୍ଥାନମାନଙ୍କ ମହାତ୍ମ୍ୟ ଓ ପ୍ରାଚୀନ ପରମ୍ପରାର ଅନାଲୋଚିତ ଦିଗ ସମ୍ପର୍କରେ ଅବଗତ କରାଇବା ଲାଗି ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ତତ୍ତ୍ୱାବଧାନରେ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରତି ରବିବାର ହେଉଥିବା ଏହି ୱାକ୍ ଓ ରାଇଡ଼ରେ ପର୍ଯ୍ୟଟକ, ବରିଷ୍ଠ ନାଗରିକ ଓ ବିଭିନ୍ନବର୍ଗରଲୋକଙ୍କୁ ସାମିଲ କରାଯାଉଛି।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିବସରେ ବିଜେଡିର ସାମୂହିକ ଦୀପଦାନ

ବାଲେଶ୍ୱର,୧୭/୧୦ (ନି.ପ୍ର): ବିଜେଡି ସଦର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ୭୬ ତମ ଜନ୍ମଦିବସ ପାଳିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ସମଗ୍ର ରାଜ୍ୟରେ ଦଳୀୟ କର୍ମକର୍ତ୍ତାମାନେ ନିରାଡ଼ମ୍ବର ଭାବେ ପାଳନ କରୁଥିବା ବେଳେ ବାଲେଶ୍ୱରରେ ବି ଏହାର ପ୍ରତିଫଳନ ଲକ୍ଷ୍ୟ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଓ ସୁସ୍ଥ ତଥା ନିରାମୟ ଜୀବନ କାମନା ସହ ବିଜେଡି ସଦର ଶାଖା କର୍ମକର୍ତ୍ତା ଓ ସଦସ୍ୟମାନେ ସ୍ଥାନୀୟ ରାଜାବଗିଚା ରାଧାକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା ସହ ସାମୂହିକ ଦୀପ ଦାନ କରିଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସ ଏଥିରେ ଯୋଗଦେଇ ଦୀପ ଜାଳିବା ସହ ମୁଖ୍ୟମନ୍ତ୍ରୀଙ୍କ ନିରୋଗ ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ ପାଇଁ ପ୍ରାର୍ଥନା କରିଥିଲେ। ଟାଉନ ସଭାପତି ସନତ ଦାସ ଏଥିରେ ପୌରହିତ୍ୱ କରିବା ସହ ରାଜ୍ୟବାସୀଙ୍କ ପ୍ରେରଣା ହୋଇଥିବା ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଦଳର ଦୀର୍ଘ ଶାସନ ପାଇଁ ପ୍ରାର୍ଥନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ସିମନ ଦାସ ମହାପାତ୍ର, ପୂର୍ବତନ ପୌର-ଉପାଧ୍ୟକ୍ଷ ମନୋଜ ରାଉତ, ବିଜୁ ଯୁବ ଜନତା ଦଳ ଟାଉନ ସଭାପତି ଉମାଶଙ୍କର ତିଆଡ଼ି, ବିଜୁ ଛାତ୍ର ଜନତା ଦଳର ଟାଉନ ସଭାପତି କୁଶାଳ ଚାଟାର୍ଜୀ, ବିଜୁ ମହିଳା ଜନତା ଦଳର ଟାଉନ ସଭାପତି ମିନା ମହାନ୍ତି, ବିଶ୍ୱଜିତ ମହାପାତ୍ର, କୈଳାଶ ଦାଶ, ରଞ୍ଜନ ବାଗ, କୈଳାସ ସେଠି, ରାଜଲକ୍ଷ୍ମୀ ଚାଟାର୍ଜୀ, ବ୍ରଜକିଶୋର ପ୍ରଧାନ, ରୋଜି ପଟ୍ଟନାୟକ, ଶୈଳେନ୍ଦ୍ର ସିଂ, ଜୟନ୍ତୀ ଦତ, ଆଶ୍ରିତା ତରେଇ, ମୀନତି ସେଠୀ, ସଞ୍ଜୟ ବେହେରା, ସେଖ ସାକିର ସେଖ ରାଜୁଙ୍କ ସମେତ ବହୁ ଯୁବ, ଛାତ୍ର, ମହିଳା ଏଥିରେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦୀପ ଜାଳିଥିଲେ । ଏହି ଅବସରରେ ବିଜେଡି କର୍ମୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ବିସ୍କୁଟ, ଜୁସ ଓ ମାସ୍କ ପ୍ରଭୃତି ବଣ୍ଟନ କରିଥିଲେ ।

## ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ପାର୍ବଣ ଅଭିନନ୍ଦନ ଶିବିର



ବାଲେଶ୍ୱର,୧୭/୧୦ (ନି.ପ୍ର): ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପାର୍ବଣର ୪ଦିନ ବ୍ୟାପୀ ଅଭିନନ୍ଦନ ଶିବିର ସ୍ଥାନୀୟ ଫାଣ୍ଡିଛକଠାରେ ଅନୁଷ୍ଠିତ ହୋଇଯାଇଛି । ମହାସପ୍ତମୀଠାରୁ ବିଜୟାଦଶମୀ ପର୍ଯ୍ୟନ୍ତ ପ୍ରତିସଂଧ୍ୟାରେ କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ଏହି ଶିବିରର ଉପସ୍ଥିତ ରହି ଜନସାଧାରଣଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ ସହର ସମେତ ଜିଲାର ସାମୂହିକ ସମସ୍ୟା ଏବଂ ତା'ର ଆଶୁ ସମାଧାନ ଉପରେ ଆଲୋଚନା କରିଥିଲେ। ତେବେ ଅନ୍ୟାନ୍ୟ କ୍ଷେତ୍ର ତୁଳନାରେ ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଏହି ଶିବିରରେ ସମସ୍ତେ ଉଦବେଗ ପ୍ରକାଶ କରିଥିଲେ। ବାଲେଶ୍ୱରରେ ଫକୀର ମୋହନ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ ବି ସ୍ୱାସ୍ଥ୍ୟସେବାର ସୁଧାର ନ ଆସିବା ବାସ୍ତବିକ ଦୁର୍ଭାଗ୍ୟର ବିଷୟ ବୋଲି ଉପସ୍ଥିତ ବ୍ୟକ୍ତିମାନେ କହିଥିଲେ। ଉଚିତ ଚିକିତ୍ସା ସେବା ପରିବର୍ତ୍ତେ ଭେଷଜ ମହାବିଦ୍ୟାଳୟ ଡାକ୍ତରଖାନାର ମାନ୍ୟତାପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏବେ ରୋଗୀ ସ୍ଥାନାନ୍ତର ମାତ୍ରା ବୃଦ୍ଧି ପାଇଛି। ଟିକିଏ ଜଟିଳ ସ୍ଥିତିରେ ଥିବା ରୋଗୀଙ୍କୁ ସଙ୍ଗେ ସଙ୍ଗେ କଟକ ବଡ଼ ଡାକ୍ତରଖାନା ନେଇଯିବା ପାଇଁ ଏଠି ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ବିଶେଷ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ହୃଦରୋଗ ଓ ସ୍ନାୟୁରୋଗ ବିଶେଷଜ୍ଞ ନଥିବା ଯୋଗୁଁ ଏଠାରୁ ସ୍ଥାନାନ୍ତର ହେଉଥିବା ରୋଗୀମାନେ କଟକ ପହଞ୍ଚିବା ପୂର୍ବରୁ ମୃତ୍ୟୁମୁଖରେ ପଡୁଛନ୍ତି। ଏନେଇ ବାରମ୍ବାର ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପରେ ପରେ କିଛି ସୁଫଳ ମିଳି ନଥିବା ବେଳେ ଆଗାମୀ ଦିନରେ ଅନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ପାଇଁ ଏହି ଅଭିନନ୍ଦନ ଶିବିରରେ ସିଦ୍ଧାନ୍ତ ହୋଇଛି। ୪ଦିନର ଏହି ଶିବିରରେ ମେଡିକାଲ କ୍ରିୟାନୁଷ୍ଠାନ କମିଟି କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ଉପ-ସଭାପତି ପ୍ରଭାକର ସାହୁ, ନିଞ୍ଜନ ରାଉତ ଓ ଶ୍ରଦ୍ଧାଞ୍ଜଳି ରାୟ, ସାଧାରଣ ସମ୍ପାଦକ ପ୍ରଦୀପ ଦାସଙ୍କ ସମେତ ଗୌରାଙ୍ଗ ପାଣିଗ୍ରାହୀ, ପ୍ରଫୁଲ ଦାସ, ଶ୍ୟାମସୁନ୍ଦର ଜେନା, ବନ୍ଦନା ବିଶ୍ୱାସ, ଶେଖ କରମ, ଶେଖ ସଲାଉଦ୍ଦିନ, ପୁରୁଷୋତ୍ତମ ବେହେରା, ଯତୀନ ପାତ୍ର, ବିଜନ ଦେ ପ୍ରମୁଖ ଉପସ୍ଥିତ ରହୁଥିଲେ।

## କବି ବିଷ୍ଣୁ ମୋହନ ବେହେରାଙ୍କ ଏକାଦଶାହରେ ସ୍ମୃତି ଚାରଣ ସଭା



ଉଦଳା,୧୭/୧୦ (ନି.ପ୍ର): ଅବସରପ୍ରାପ୍ତ ଶିକ୍ଷକ ତଥା ଜଣେ ବ୍ୟଙ୍ଗ କବି ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ଉଦଳା ଅଞ୍ଚଳର ବାସିନ୍ଦା ବିଷ୍ଣୁମୋହନ ବେହେରାଙ୍କ ଏକାଦଶାହ ଚଳିତ ଅକ୍ଟୋବର ୧୨ ତାରିଖ ମଙ୍ଗଳବାର ଦିନ ପାଳିତ ହୋଇ ଯାଇଛି । ଏହି ଅବସରରେ ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ଶିକ୍ଷକ କିଶୋରଚନ୍ଦ୍ର ଦାସବାବୁ ଉକ୍ତ ସ୍ମୃତିଚାରଣ ସଭାରେ ପୌରହିତ୍ୟ କରିଥିବା ବେଳେ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲ୍ଲିପ କୁମାର ଦିକ୍ଷୀତ, ଉଦଳା ମହାବିଦ୍ୟାଳୟର ସେ ଅଧାପକ ଥିବା ସମୟରେ ବିଷ୍ଣମୋହନ ତାଙ୍କର ଛାତ୍ର ଥିଲେ ଓ ସେ ସମୟର କଥାକୁ ମନେ ପକାଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଷ୍ଣମୋହନଙ୍କ ସହିତ ଦିର୍ଘଦିନ ଧରି ଚାକିରି ଜୀବନ ବିତାଇଥିବା ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ଖିଲାର ବିଷ୍ଣ ମୋହନ କିପରି ଅଭିନୟ କରନ୍ତି ଓ କବିତା ଲେଖାରେ ବ୍ୟଙ୍ଗ କରନ୍ତି ବିସ୍ତୃତ ଭାବେ ବର୍ଣ୍ଣନା କରିବା ସହିତ ତାଙ୍କର କବିତା ସଂକଳନ 'ବିକ୍ଷିପ୍ତ ପାଖୁଡ଼ା'ର ଜନ୍ମ ଇତିହାସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦିଲ୍ଲିପ ଜେନା, ସର୍ବେଶ୍ୱର ମହାପାତ୍ର, ମନୋରଂଜନ ମଲ୍ଲିକ, ସନାତନ ରାଉତ, ରବିକାନ୍ତ ମହାପାତ୍ର, ଲକ୍ଷ୍ମୀଧର ପୁଥାଳ, ବିଜୟ ନାୟକ, ଶତିଶଚନ୍ଦ୍ର ବେହେରା, କରୁଣାକର ଦାସ, ବନମାଳି ବେହେରା, ସୁବ୍ରତ କୁମାର ମହାନ୍ତି, ପ୍ରମିଳା ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରି ତାଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ବ୍ୟକ୍ତ କରିଥିଲେ । ଶେଷରେ ରାଜାରାମ ବେହେରା ଦିବଂଗତ ଆତ୍ମାଙ୍କ ବିଷୟରେ ଏକ ସ୍ୱରଚିତ କବିତା ପାଠ କରିବା ସହିତ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

# ଶ୍ରୀମନ୍ଦିରରେ ମହାକାର୍ତ୍ତିକର ପାରମ୍ପରିକ ବେଶ ଓ ନୀତି ଆରମ୍ଭ

ପୁରୀ,୧୭/୧୦ (ନି.ପ୍ର): ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥିରୁ ଆରମ୍ଭ ହୋଇଛି ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ରାଧାଦାମୋଦର ବେଶ । ପଞ୍ଚୁକ ପାଞ୍ଚଦିନକୁ ବାଦ୍‌ଦେଲେ ଏହି ପୁଣ୍ୟମାସ କାର୍ତ୍ତିକର ଅନ୍ୟଦିନ ମାନଙ୍କରେ ମହାପ୍ରଭୁ ରାଧାଦାମୋଦର ବେଶରେ ସଜ୍ଜିତ ହେବାର ପରମ୍ପରା ରହିଛି । ଏଥିସହିତ ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣ ବେଶରେ ଶ୍ରୀରାଧାଙ୍କ ସହ ପୂଜା ପାଇବେ । ଦାମୋଦର ହେଉଛନ୍ତି ମହାକାର୍ତ୍ତିକ ମାସର ଅଧିଦେବତା । ତେଣୁ ମହାପ୍ରଭୁଙ୍କୁ ରାଧାଦାମୋଦର ବେଶରେ ସଜ୍ଜିତ କରାଯାଇଥାଏ । ଏହି ବେଶ ଅବକାଶ ନୀତି ଶେଷ ହେବା ପରେ ଅନୁଷ୍ଠିତ ହୋଇଥାଏ କାର୍ତ୍ତିକ ଅମାବାସ୍ୟା ପରଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟକ ସୋମବାର ଦିନ ପ୍ରଭୁ ବଳଭଦ୍ର ହରିହର ବେଶ ହେବେ । ଏତଦ୍‌ବ୍ୟତୀତ ମହାକାର୍ତ୍ତିକ ମାସରେ ବାଳଧୂପ ଏକ ଅନନ୍ୟ ପରମ୍ପରା । ଶନିବାର ଠାରୁ ସକାଳଧୂପ ଶେଷ ହୋଇ ପାଣିପଡିବା ପରେ ବାଳଧୂପ ଛେକ ଶ୍ରୀଛାମୁକୁ ଯାଉଛି । ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ମହାପ୍ରଭୁଙ୍କ ବାଳଧୂପ କରାଯାଉଛି । ଶନିବାର ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ମହାପ୍ରଭୁଙ୍କୁ ଏହି ବେଶରେ ପ୍ରତ୍ୟହ ସଜ୍ଜିତ କରାଯିବ । କାର୍ତ୍ତିକ ଶୁକ୍ଳ ଏକାଦଶୀରେ ମହାପ୍ରଭୁ ଲକ୍ଷ୍ମୀନାରାୟଣ ବେଶ, ଦ୍ୱାଦଶୀରେ ବାଙ୍କଚୁଡ ବେଶ, ତ୍ରୟୋଦଶୀରେ ତ୍ରିବିକ୍ରମ ବେଶ, ଚତୁର୍ଦ୍ଦଶୀରେ ଲକ୍ଷ୍ମୀନୃସିଂହ ବେଶ ଓ କାର୍ତ୍ତିକ ପୂର୍ଣ୍ଣିମା ଦିନ ରାଜରାଜେଶ୍ୱର ବେଶରେ ସଜ୍ଜିତ ହେବେ । ଶନିବାର ଠାରୁ ଅନୁଷ୍ଠିତ ରାଧାଦାମୋଦର ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ର ପରିଧାନ କରୁଛନ୍ତି ତ୍ରିକଚ୍ଛ । ଶ୍ରୀହସ୍ତରେ ଲାଗି ହେଉଛନ୍ତି ସୁବର୍ଣ୍ଣ ନଳୀଭୁଜ । ତ୍ରିମୁଣ୍ଡି ଉପରେ ବାଉଁଶ ପାତିଆ ଓ କନାରେ ନିର୍ମିତ ଚୂଳ ଶୋଭା ପାଉଛି । ଚୂଳର ଅଗ୍ରଭାଗରେ ରହିଛି ଚନ୍ଦ୍ରିକା । ମହାପ୍ରଭୁ କର୍ଣ୍ଣ ଦେଶରେ କୁଣ୍ଡଳ, କଟିରେ ଓଡିଆଣୀ, ଶ୍ରୀମସ୍ତକରେ ତଡଗି, ଚନ୍ଦ୍ର, ସୂର୍ଯ୍ୟ ଓ ଚିତା ଆଦି ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଛନ୍ତି । ଏତଦ୍‌ବ୍ୟତୀତ ମହାପ୍ରଭୁଙ୍କୁ ଲାଗି କରାଯାଉଛି ବିଭିନ୍ନ ପୁଷ୍ପ ଅଳଙ୍କାର । ଶାଢି, ଫୁଟା, ଶ୍ରୀକାପଡା, ପହରଣ, ବଳା, ଅଧରବଳା ଓ ଉତ୍ତରୀୟ ଲାଗି କରାଯାଉଛି ।

# ଗୋଟିଏ ଦିନରେ ୪୪୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୭/୧୦ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୪୩ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୩୫୦୭୭ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୧ ହଜାର ୭୪୨ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୯୯୭ ରହିଛି । ଆଜି ଚିହ୍ନଟ ହୋଇଥିବା ୪୪୩ ଜଣଙ୍କ ମଧ୍ୟରୁ ୨୫୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୮୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୪୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧, ବାଲେଶ୍ୱରରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୨, ଭଦ୍ରକରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗୀର ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୨୭ ସଂକ୍ରମିତ ହୋଇଥିବା ବେଳେ ଦେବଗଡ, ଢେଙ୍କାନାଳ ଓ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରୁ ୧, ଜଗତସିଂହପୁର ଜିଲ୍ଲାରୁ ୭ ଜଣ, ଯାଜପୁରରୁ୧୧ ଜଣ ସଂକ୍ରମିତ ହୋଇଥିବା ବେଳେ, ଝାରସୁଗୁଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଳାହାଣ୍ଡି ଜିଲ୍ଲାରୁ ୧ ଚିହ୍ନଟ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୨୪୩ ଜଣ, କୋରାପୁଟ ଜିଲ୍ଲାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ଼ରୁ ୪ ଜଣ ସଂକ୍ରମିତ ହୋଇଥିବା ବେଳେ ନୂଆପଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୧୩ ଜଣ, ରାୟଗଡ଼ାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୬ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୧୧ ଜଣ ଓ ଷ୍ଟେଟ୍ ପୁଲରୁ ୫୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ପ୍ରଦୀପ ମହାରଥୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଲିଭା ପ୍ରଦୀପ ଲୋକାର୍ପିତ



ଭୁବନେଶ୍ୱର,୧୭/୧୦ (ନି.ପ୍ର): ପୂର୍ବତନ ମନ୍ତ୍ରୀ ବିଧାୟକ ତଥା ଲୋକପ୍ରିୟ ଜନନେତା ପ୍ରଦୀପ ମହାରଥୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କ ସ୍ମୃତିରେ ଏକ ସ୍ମରଣିକା 'ଅଲିଭା ପ୍ରଦୀପ'ର ଲୋକାର୍ପଣ ଉତ୍ସବ ସିଆପି ଛକସ୍ଥିତ ଆଦିଲକ୍ଷ୍ମୀ କନଭେନସନଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର, ମୁଖ୍ୟବକ୍ତାଭାବେ ସୋଆ କୁଳପତି ଡା ଅଶୋକ କୁମାର ମହାପାତ୍ର, ଅତନୁ ସବ୍ୟସାଚୀ ନାୟକ, କୈଳାଶ ଟିକାୟତରାୟ, ବିଧାୟକ ରୁଦ୍ରପ୍ରସାଦ ମହାରଥୀ, ବ୍ରହ୍ମକୁମାରୀ ଗୀତା, ଡ. ପଲ୍ଲବି ମହାରଥୀ, ଡ. ପି. ଏନ ଜଗଦେବ ଏବଂ ବରଦା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସ୍ମରଣିକା ଲୋକାର୍ପଣ କରିବା ସହ ବକ୍ତବ୍ୟ ରଖିଥିଲେ । ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ପତ୍ରିକା 'ଭାବକୁ ନିକଟ' ଉନ୍ମୋଚିତ ହୋଇଥିଲା । ଡ଼. ପ୍ରତିଭା ମହାରଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହଯୋଗ କରିଥିଲେ ଅର୍ଦ୍ଧେନ୍ଦୁ କୁମାର ସାହୁ । ପ୍ରାରମ୍ଭରେ ଦେବଂଶୀ ଦାସ ରାମଭଜନ ପରିବେଷଣ କରିଥିବାବେଳେ ଦାମୋଦର ସେନାପତି ଭଜନ ପରିବେଷଣ କରିଥିଲେ ।

## ଭୁବନେଶ୍ୱରରୁ ଆଉ ୧୫୮ ପଜିଟିଭ୍

ଭୁବନେଶ୍ୱର,୧୭/୧୦ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ରବିବାର ଦିନ ୧୫୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୭ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୦୪ ଜଣ ଲୋକାଲ ମାମଲା ରହିଛନ୍ତି। ଅପରପକ୍ଷରେ ଗତ ୨୪ ଘଂଟାରେ ଆଉ ୧୯୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୫୯୦୯କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୧୧୧୨୫୭ ଜଣ ସୁସ୍ଥ ହୋଇଥିବା ବେଳେ ବର୍ତ୍ତମାନ ୩୫୮୮ ସକ୍ରିୟ ମାମଲା ରହିଛି। ସେହିପରି ମୃତକଙ୍କ ସଂଖ୍ୟା ୧୦୪୩ରେ ପହଂଚିଛି।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୮ ଗିରଫ, ୫୪୬ ବାହନ ଜବତ

ଭୁବନେଶ୍ୱର,୧୭/୧୦ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୮ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୫୪୬ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୫,୨୬,୪୫୦ଟଙ୍କା। ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଅରୁଣ ଦେ ସ୍ମୃତି ପରିଷଦର ଶାରଦୀୟ ବନ୍ଧୁ ମିଳନ

ବାଲେଶ୍ୱର,୧୭/୧୦ (ନି.ପ୍ର): ବିଶିଷ୍ଟ ରାଜନେତା ତଥା ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱର୍ଗତ ଅରୁଣ ଦେଙ୍କ ସ୍ମୃତିରେ ଗଠିତ 'ଅରୁଣ ଦେ ସ୍ମୃତି ପରିଷଦ' ପକ୍ଷରୁ ବିଜୟା ଦଶମୀ ଅବସରରେ ଏକ ଶାରଦୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏଥିରେ ଯୋଗଦେଇ ସ୍ୱର୍ଗତ ଅରୁଣ ଦେ (ଦାଦା)ଙ୍କ ଫୋଟଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଦାଦାଙ୍କ ଜୀବିତାବସ୍ଥାରେ ପ୍ରତିବର୍ଷ ଆପାତତଃ ଦୁଇଥର ବିଜୟା ଦଶମୀ ଓ ନୂଆବର୍ଷରେ ଶୁଭେଚ୍ଛୁ ଓ ସମର୍ଥକମାନେ ତାଙ୍କ ଘରେ ଭିଡ଼ ଲଗାଉଥିଲେ। ତାଙ୍କ ଅବର୍ତ୍ତମାନରେ ବି ସମର୍ଥକଙ୍କ ଭିଡ଼ ଦାଦାଙ୍କ ଲୋକପ୍ରିୟତାକୁ ବେଶ ପ୍ରମାଣିତ କରୁଛି ବୋଲି ସଦର ବିଧାୟକ ଶ୍ରୀ ଦାସ କହିଥିଲେ । ଦାଦାଙ୍କ ଲୋକପ୍ରିୟତା କେବଳ ବାଲେଶ୍ୱର ସହର କିମ୍ବା ଆଖପାଖ ଅଂଚଳରେ ସୀମିତ ନୁହେଁ ବରଂ ସମଗ୍ର ଜିଲାରେ ତାଙ୍କ ସମର୍ଥକ ଆଜି ବି ସଙ୍ଗଠିତ ହୋଇ ରହିଛନ୍ତି ବୋଲି ରେମୁଣା ବିଧାୟକ ଶ୍ରୀ ପରିଡ଼ା ମତବ୍ୟକ୍ତ କରିଥିଲେ । ଦାଦା ପାଳନ କରୁଥିବା ଦଶହରା ଓ ନୂଆବର୍ଷରେ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ପତ୍ୟେକ ବର୍ଷ ପାଳନ ପାଇଁ ସେ ସ୍ମୃତି ପରିଷଦର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିପ୍ଳବ କୁମାର ମହାନ୍ତି, ସମାଜସେବୀ ବିଷ୍ଣୁ ପ୍ରସାଦ ମହାନ୍ତି, ରଞ୍ଜନ ପ୍ରଧାନ, ବିନେଦା ଜୀ, ଅଭିଜିତ ଦାସ ପ୍ରମୁଖ ଯୋଗଦେଇ ଦଶହରା ବନ୍ଧୁମିଳନ କାର୍ଯ୍ୟକ୍ରମ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ।

# ଡ. ଅବଦୁଲ କଲାମଙ୍କ ଜନ୍ମ ଜୟନ୍ତୀ ପାଳନ



ବାରିପଦା,୧୭/୧୦ (ନି.ପ୍ର): ବାରିପଦା, ତକତପୁର ସ୍ଥିତ ଓଆରଡି ସ୍ଲମ ସ୍କୁଲ ଠାରେ ବାରତର ପୂର୍ବତନ ରଷ୍ଟ୍ରପତି ଡ଼ ଅବଦୁଲ କଲାମଙ୍କ ଜନ୍ମ ଜୟନ୍ତୀ ନାରାୟଣ ସେବା ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଯାଇଛି । ଟ୍ରଷ୍ଟର ପ୍ରତିଷ୍ଠାତା ସମାଜସେବୀ ନିରୋଜ କୁମାର ପୋଥାଳ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ଼ ଅବଦୁଲ କଲାମଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ସଦଶ୍ୟ ମାନେ ଡ଼ କଲାମଙ୍କ ପିଲାବେଳ କିପରି ସଂଘର୍ଷମୟ ଥିଲା ଏବଂ ସେ ବଡ ହେବା ପରେ ବୈଜ୍ଞାନିକ ହୋଇ କିପରି ଦେଶ ପାଇଁ କାମ କରିଥିଲେ ଓ ରାଷ୍ଟ୍ରପତି ଭାବରେ ଦେଶର ଗୌରବ ଆଣିଥିଲେ ସେ ବିଷୟରେ ବିସ୍ତୃତ ଆଲୋଚନା କରିବା ସହିତ ସ୍କୁଲର ଛାତ୍ର, ଛାତ୍ରୀ ମାନଙ୍କ ମଧରେ ଡ. କଲାମଙ୍କ ବିଷୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏହି ବକ୍ତୃତା ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର, ଛାତ୍ରୀ ମାନଙ୍କୁ ଟ୍ରଷ୍ଟ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ଏହି ବିଦ୍ୟାଳୟର ସମସ୍ତ ଛାତ୍ର, ଛାତ୍ରୀ ମାନଙ୍କୁ ଶୁଖିଲା ଖାଦ୍ୟ ଟ୍ରଷ୍ଟ ପକ୍ଷରୁ ବଂଟନ କରାଯାଇଥିଲା। ଅନ୍ୟ ସଦସ୍ୟ ମାନଙ୍କ ମଧରେ ପରିବେଶବିତ୍ ବିମ୍ବାଧର ସାହୁ, ଇନ୍ଦ୍ରଜିତ ମହାନ୍ତ, ରାକେଶ ଦ୍ୱିବେଦ୍ୱି, ଅଙ୍କିତ ପାଣିଗ୍ରାହୀ, ପୂର୍ଣ୍ଣ ଚନ୍ଦ୍ର ଦାସ, ସେଖ ଏହସାନ, ରଞ୍ଜିତ ଦାସ, ବସନ୍ତ ମହାପାତ୍ର, ରାଜେଶ କୁମାର ନନ୍ଦୀ, ପ୍ରତାପେଶ୍ୱର୍ ଦାଶ, ଦୀପକ କୁମାର ଦାସ, ରାକେଶ କୁମାର ସିଂ ପ୍ରମୁଖ ଯୋଗ ଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ମୁଖ୍ୟ ସାଇ ପ୍ରକାଶ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂଯୁକ୍ତ କିସାନ ମୋର୍ଚ୍ଚାର ପ୍ରତିବାଦ ଆନ୍ଦୋଳନ ଆଜି

ବାଲେଶ୍ୱର,୧୭/୧୦ (ନି.ପ୍ର): ଲକ୍ଷୀପୁର ଖେରିରେ ଆନ୍ଦୋଳନରତ କୃଷକଙ୍କୁ ଗାଡ଼ି ଚପାଇ ହତ୍ୟା କରିବା ଘଟଣାରେ ଅଭିଯୁକ୍ତଙ୍କ ପିତା କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କ ଇସ୍ତଫା ଓ ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ଆସନ୍ତାକାଲି ସୋମବାର ୧୮ ତାରିଖରେ ରାଷ୍ଟ୍ରବ୍ୟାପୀ ହେବାକୁ ଯାଉଥିବା ଆନ୍ଦୋଳନକୁ ବାଲେଶ୍ୱରରେ ସଫଳ କରିବାକୁ ସଂଯୁକ୍ତ କିସାନ ମୋର୍ଚ୍ଚାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ତେବେ ରାଜ୍ୟ ତଥା ଦେଶର ଅନ୍ୟାନ୍ୟ ସ୍ଥାନରେ ରେଳରୋକ କରାଯାଉଥିଲେ ବି ବାଲେଶ୍ୱର ରେଳ ଷ୍ଟେସନ ବାହାରେ କେବଳ ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ମୋର୍ଚ୍ଚାର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏହାକୁ ସଫଳ କରିବା ପାଇଁ ସେମାନେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ପ୍ରତିବାଦ ସଭା ଅପରାହ୍ଣ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି।

## କରୋନାରୁ ସୁସ୍ଥ ହେଲେ ୫୦୮ ଆକ୍ରାନ୍ତ

ଭୁବନେଶ୍ୱର,୧୭/୧୦ (ନି.ପ୍ର): ରାଜ୍ୟରେ ଆଜି କରୋନା ସଂକ୍ରମଣରୁ ୫୦୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୨ ହଜାର ୨୫୦ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୪୧ ଜଣ, କଟକ ଜିଲ୍ଲାରୁ ୬୧ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ମୟୂରଭଂଜରୁ ୨୯, କେନ୍ଦ୍ରାପଡ଼ାରୁ ୨୬, ବାଲେଶ୍ୱରରୁ ୧୯, ଜଗତସିଂହପୁର, ଯାଜପୁରରୁ ୧୪-୧୪, ପୁରୀରୁ ୧୧, ସମ୍ବଲପୁର, ସୁନ୍ଦରଗଡ଼ରୁ ୧୦-୧୦ ଓ ଭଦ୍ରକ ଓ ଗଂଜାମରୁ ୩ ଜଣ ଲେଖାଏଁ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି କୋରାପୁଟ, ମାଲକାନଗିରିରୁ ୨-୨, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦୁଝର, ନୟାଗଡ଼, ନୂଆପଡ଼ାରୁ ଜଣେ ଲେଖାଏଁ ଓ ରାଜ୍ୟପୁଲରୁ ୫୮ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

# ସିରିଡିସାଇ ମନ୍ଦିରର ୫ମ ବାର୍ଷିକ ଉତ୍ସବ

ଜଳେଶ୍ୱର ୧୭/୧୦(ନିପ୍ର): ଜଳେଶ୍ୱର ବ୍ଲକ ଅଧିନ କୃଷ୍ଣନଗର ଅଂଚଳରେ ଥିବା ସିରିଡିସାଇ ମନ୍ଦିରର ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଶୁକ୍ରବାର ଅନୁଷ୍ଠିତ ଉତ୍ସବରେ ବାବାଙ୍କ ପାଲିଙ୍କି ଯାତ୍ରା, ଅଭିଶେଷ, ହୋମ ଯଜ୍ଞ ଓ ପ୍ରସାଦସେବନ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଳକା ଆରତୀ, ସଂଧ୍ୟା ଆରତୀ, ମଧ୍ୟାହ୍ନ ଆରତୀ ଓ ସେଜ ଆରତୀ ଇତ୍ୟାଦି ଅନୁଷ୍ଠିତ ହେବା ସହିତ ମନ୍ଦିରକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଭାପତି ସୁବିର ସେନାପତି, ସଂପାଦକ ଭାସ୍କର ସ୍ୱାଇଁ, ସୁବ୍ରତ ରଣା, ବିକାଶ ଧର, ତପନ ପାତ୍ର, ସମୀର କର୍ମକାର, ବିଶ୍ୱଜିତ୍ ସାହୁ, ସାଧୁଚରଣ ପରିଡା, ଅରକ୍ଷୀତ ସାହୁ ପ୍ରମୁଖ ଭକ୍ତମାନେ ପରିଚାଳନା କରିଥିଲେ ।

# ରାସ୍ତାର ଦୂରାବସ୍ଥା : ଗର୍ଭବତୀଙ୍କୁ ବାଇକ୍‌ରେ ବୁହାହେବାବେଳେ ଦୁର୍ଘଟଣା ସମ୍ମୁଖୀନ



ଜଳେଶ୍ୱର, ୧୭/୧୦(ନିପ୍ର): ଲଗାଣ ଲଘୁଚାପ ବର୍ଷାପରେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର କେତେକ ଗ୍ରାମ୍ୟ ରାସ୍ତା ଖରାପ ହୋଇଛି । ଜଳେଶ୍ୱର ବ୍ଲକର ବର୍ଦ୍ଧନା ପଂଚାୟତର ନାହାଳିଆ ମଂଗଳା ମଣ୍ଡପ ଠାରୁ ଗାଜିଆଣି ଆଦିବାସୀ ସାହି ପର୍ଯ୍ୟନ୍ତ ୨ କି.ମି ରାସ୍ତା କାଦୁଅରେ ପରିପୂର୍ଣ୍ଣ ହୋଇଥିବାରୁ ଜନସାଧାରଣ ଏହି ରାସ୍ତାରେ ଚାଲିବା ଅସମ୍ଭବ ହୋଇଛି । ଆଜି ରବିବାର ଏହି ଗ୍ରାମର ଶିବଚନ୍ଦ୍ର ଦାସଙ୍କ ଗର୍ଭବତୀ ସ୍ତ୍ରୀ ଗାୟତ୍ରୀ ଦାସଙ୍କୁ ଡାକ୍ତରଖାନାକୁ ନିଆଯିବା ଲାଗି ଆମ୍ବୁଲାନ୍ସକୁ ଡକାଯାଇଥିଲା । ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ ଆସିନପାରି ପଂଚାୟତ କାର୍ଯ୍ୟାଳୟ ନିକଟରେ ଅଟକି ରହିଥିବା ବେଳେ ଗର୍ଭଯନ୍ତ୍ରଣାରେ ଥିବା ମହିଳାଙ୍କୁ ଏକ ବାଇକ୍‌ରେ ନେଇଯାଉଥିବା ବେଳେ ଦୁର୍ଘଟଣାର ଶୀକାର ହୋଇଥିଲେ । ଅଳ୍ପକେ ରକ୍ଷା ପାଇଥିବା ଗର୍ଭବତୀଙ୍କୁ ଚଲାଇ ଚଲାଇ ନିଆଯିବା ପରେ ଅଟକି ରହିଥିବା ଆମ୍ବୁଲାନ୍ସ ଦ୍ୱାରା ପଶ୍ଚିମବାର୍ଡ ଡାକ୍ତରଖାନାକୁ ନିଆଯାଇଥିଲା । ଏହି ୨ କି.ମି ରାସ୍ତାକୁ ମରାମତି ଲାଗି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି । ଏ ସମ୍ପର୍କରେ ସରପଂଚ ପଦ୍ମଲୋଚନ ବେହେରାଙ୍କୁ ପଚାରିବାରୁ ଉକ୍ତ ରାସ୍ତାଟି ନିର୍ମାଣାଧିନ ରହିଛି । ଖୁବ୍‌ଶୀଘ୍ର କାର୍ଯ୍ୟ ସମାପ୍ତ ହେବ ବୋଲି କହିଛନ୍ତି ।

# ସାରସ୍ୱତ ସାଧକ ପ୍ରଶାନ୍ତ ବେହେରାଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ପାଳିତ



ଉଦଳା,୧୭/୧୦ (ନି.ପ୍ର): ସାରସ୍ୱତ ସାଧକ ଅଧ୍ୟାପକ ପ୍ରଶାନ୍ତ ବେହେରାଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଚଳିତ ଅକ୍ଟୋବର ୧୪ ତାରିଖ ଗୁରୁବାର ଦିନ ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଶାନ୍ତ ସ୍ମୃତି ପରିଷଦ, ଉଦଳା ତରଫରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲ୍ଲିପ କୁମାର ଦିକ୍ଷୀତ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଂଖ୍ୟା – ୨୦୨୧ ସ୍ମରଣିକା 'ପ୍ରଶାନ୍ତ ଚିନ୍ତନ'କୁ ଅତିଥି ମାନେ ଉନ୍ମୋଚିତ କରିଥିଲେ । ଚେତନା ସାହିତ୍ୟ ସଂସଦର ସଂପାଦକ ଶରତ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. କୁମାର ତ୍ରିପାଠୀ, ଭକ୍ତି ଜ୍ଞାନ ସଂଚାର ସମିତିର ଅଧ୍ୟକ୍ଷ ଲକ୍ଷ୍ମୀଧର ପୁଥାଳ, ଲୁଇପା ମହାବିଦ୍ୟାଳୟ ରାଢ଼ୋର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ, ଶିକ୍ଷାବିତ ରବିକାନ୍ତ ମହାପାତ୍ର, ବାଲେଶ୍ୱରରୁ ପ୍ରକାଶିତ ମାସିକ ପତ୍ରୀକା 'ସମୟରଚକ୍ର' ର ସମ୍ପାଦକ ସର୍ବେଶ୍ୱର ଜେନା, ଦୈନିକ 'ପ୍ରମେୟ' ର ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି ସଂଜୟ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇ ୰ ପ୍ରଶାନ୍ତ ବେହେରାଙ୍କ ସାଂଗଠନିକ ଦକ୍ଷତା ଓ ସାରସ୍ୱତ ସାଧନା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ନମିତା ରାଉତ ଓ ମାଳତୀଧଳଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୫୦ରୁ ଉର୍ଦ୍ଧ କବି ଓ କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ରୁକ୍ମଣି ସାହୁ, ଅମୀୟ କୁମାର ବଳ ଓ ନିରଞ୍ଜନ ପରିଡ଼ାଙ୍କୁ ଅତିଥି ମାନେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୁର୍ବକ ସମ୍ବର୍ଦ୍ଧିତ କରିଥିଲେ । ଆଶିଷ ମଲ୍ଲିକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଶ୍ରୀକାନ୍ତ ପ୍ରସାଦ ବେହେରା, କରୁଣାକର ଦାସ, ଯୋଗେନ୍ଦ୍ର ପଣ୍ଡା, ନରେନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ ।

# ରୋଟାରୀ କ୍ଲବ୍ ପକ୍ଷରୁ ନିୟମିତ ଚକ୍ଷୁ ଯତ୍ନକେନ୍ଦ୍ର ଆରମ୍ଭ

ପୁରୀ,୧୭/୧୦ (ନି.ପ୍ର): ରୋଟାରୀ କ୍ଲବ ଆନୁକୂଲ୍ୟରେ ଏବଂ କଟକ ସ୍ଥିତ ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ସହଯୋଗରେ ପୁରୀରେ ଏକ ନୂତନ ଚକ୍ଷୁ ଯତ୍ନକେନ୍ଦ୍ର ଆରମ୍ଭ କରାଯାଇଛି । ସ୍ଥାନୀୟ ରମାବଲ୍ଲଭ ରୋଡସ୍ଥ ରୋଟାରୀ କମ୍ୟୁନିଟି ସେଣ୍ଟର ପରିସରରେ ଏହି କେନ୍ଦ୍ର କେବଳ ସୋମବାର ବ୍ୟତିତ ଅନ୍ୟ ସମସ୍ତ ଦିବସରେ ପୂର୍ବାହ୍ନ ୧୦ଟା ଠାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ । ଅତ୍ୟାଧୁନିକ ଯନ୍ତ୍ରପାତି ଓ ସରଞ୍ଜାମର ସହାୟତାରେ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଓ ଅଭିଜ୍ଞ ଚିକିତ୍ସକ ଆଖିର ପାଓ୍ୱାର, ମୋତିଆବିନ୍ଦୁ ଓ ଗ୍ଲୁକୋମି ସମେତ ଚକ୍ଷୁ ସମ୍ବନ୍ଧୀୟ ସମସ୍ତ ରୋଗ ନିରୂପଣ କରି ଆବଶ୍ୟକ ପରାମର୍ଶ ପ୍ରଦାନ କରିବେ । ବିପିଏଲ୍ କାର୍ଡ଼ଧାରୀଙ୍କ କ୍ଷେତ୍ରରେ ମାଗଣାରେ ମୋତିଆବିନ୍ଦୁ ଅପରେସନର ମଧ୍ୟ ବ୍ୟବସ୍ଥା କରାଯିବ । ପରାମର୍ଶ ପାଇଁ ରୋଗୀ ପ୍ରତି ମାତ୍ର ୨୦ ଟଙ୍କା ଫି ଆଦାୟର ବ୍ୟବସ୍ଥା କରାଯାଇଛି । ରବିବାର ଦିନ କେନ୍ଦ୍ର ର ଲୋକାର୍ପଣ ଅବସରରେ ସମ୍ମୁଖ କରୋନା ଯୋଦ୍ଧା କୁହାଯାଉଥିବା ପୁରୀର ଗଣମାଧ୍ୟମ ପ୍ରତିନିଧି ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ଶତାଧିକ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ବିଶେଷଜ୍ଞ ଡାକ୍ତର ଅଞ୍ଜଳିକା ଏବଂ ବରିଷ୍ଠ ଅପ୍ଟେମେଟ୍ରିଷ୍ଟ ଅର୍କଦୀପ୍ ମାଇତୀ ଓ ସୁପ୍ରଭାତ ବେରା ସମସ୍ତଙ୍କର ଚକ୍ଷୁସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଚିକିତ୍ସାଳୟର ଅଧକ୍ଷ ସୁଶାନ୍ତ ମହାନ୍ତି, କଟକ ରୋଟାରୀ କ୍ଲବର ସଭାପତି ପାର୍ଥସାରଥୀ ଚାଟାର୍ଜୀ ଏବଂ ମହେନ୍ଦ୍ର ନାୟକ କେନ୍ଦ୍ରରେ ଉପସ୍ଥିତ ଥିଲେ । ପୁରୀ ରୋଟାରୀ ଚକ୍ଷୁ ଯତ୍ନକେନ୍ଦ୍ରର ଅଧକ୍ଷ ବିଜୟ କୁମାର ପତି ଓ ପୁରୀ ରୋଟାରୀ କ୍ଲବ୍ ର ସଭାପତି ବଦ୍ରୀ ନାରାୟଣ ପାତ୍ରଙ୍କ ସମେତ କ୍ଲବ୍ ର ସଦସ୍ୟ ଗୋକୁଳାନନ୍ଦ ପଟ୍ଟନାୟକ, ନରେନ୍ଦ୍ର ପାତ୍ର, ପ୍ରଦୀପ ଦାସ, କୃଷ୍ଣପ୍ରିୟା ଆଚାର୍ଯ୍ୟ, ଜୟ ଦାସଗୁପ୍ତା, ଯୁଗବ୍ରତ କର, ସନ୍ତୋଷ କୁମାର ପାତ୍ର, ତପନ କୁମାର ଦାଶ, ଶୁଭ୍ରାଂଶୁ ଶେଖର ମହାପାତ୍ର, ରାମ ନାରାୟଣ ପୂଜାପଣ୍ଡା, ନାରାୟଣ ଦାଶ, ଭକ୍ତଚରଣ ଦାସ, ଭୀମସେନ ପାତ୍ର, ପ୍ରମୋଦ ଆଚାର୍ଯ୍ୟ, ଅମ୍ବିକା ପ୍ରସାଦ ଦାସ, ରବି ନାରାୟଣ ପଟ୍ଟନାୟକ, ଅରବିନ୍ଦ ସିହ୍ନା, ରାକେଶ ପଣ୍ଡା, ଶୈଳେଶ ବେହେରା, କମଳେନ୍ଦୁ ଦାଶ, ସୁରେଶ ଚନ୍ଦ୍ର ପ୍ରହରାଜ ଓ ଜଗନ୍ନାଥ ପ୍ରତିହାରୀ ଏବଂ ପୁରୀ ଇନରହ୍ୱିଲ୍ କ୍ଲବ୍ ର ସଭାନେତ୍ରୀ ସୁଖଜିତ୍ ସିନ୍ଧୁ କର ପ୍ରମୁଖ ଲୋକାର୍ପଣ ଦିବସରେ ଉପସ୍ଥିତ ରହି କେନ୍ଦ୍ର ପରିଚାଳନାରେ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo